ବିଜି : ସଙ୍କରୋ ନରକାୟୈବ
କୁଲଘ୍ନାନାଂ କୁଲସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ
ଲୁପ୍ତପିଣ୍ଡୋଦକକ୍ରିୟାଃ ।।

BG : An increase in unwanted children results in hellish life both for the family and for those who destroy the family. Deprived of sacrificial offerings, the ancestors of such corrupt families also fall.

ରାଜପଥରେ ଜମୁଛି ବର୍ଷା ପାଣି : ଏନଏଚ ... ୭

ମୋଦିଙ୍କ ଫଲୋୟର୍ସଙ୍କ ସଂଖ୍ୟା ୧୦୦ ... ୮

ଓଡ଼ିଶା ଶବ୍ଦର

Price : Rs.2.00 Volume 16 Issue 233 ଜୁଲାଇ ୧୫ ସୋମବାର ୨୦୨୪

ଶେଷ ହେଲା ପ୍ରତୀକ୍ଷା: ଖୋଲିଲା ଶ୍ରୀମନ୍ଦିର ରହସ୍ୟମୟ ରତ୍ନଭଣ୍ଡାର

- ■ଖୋଲିଲାନି, ଭଙ୍ଗାଗଲା ଭିତର ରତ୍ନଭଣ୍ଡାର ତାଲା
- ■ରତ୍ନ ଭଣ୍ଡାର ଭିତରୁ ଉଡ଼ି ଆସିଲେ ଶହଶହ ଚେମେଣିଆ
- ■ରତ୍ନଭଣ୍ଡାର ଅଳଙ୍କାର ରଖିବା ପାଇଁ ଆସିଛି ୬ ସିନ୍ଦୁକ

ପୁରୀ (ସମୀର ରଂଜନ ନାୟକ) : ଦୀର୍ଘ ୪୬ ବର୍ଷ ପରେ ଖୋଲିଲା ମହାପ୍ରଭୁଙ୍କ ରତ୍ନଭଣ୍ଡାର । ରତ୍ନଭଣ୍ଡାର ଭିତରକୁ ଯିବା ନିର୍ଦ୍ଧାରିତ ହୋଇଥିବା ୧୧ ଜଣ ସଦସ୍ୟ ଶୁଭ ମୁହୂର୍ତ୍ତ ଅନୁଯାୟୀ ୧ଟା ୨୮ରେ ରତ୍ନଭଣ୍ଡାରର ପ୍ରଥମ ଦ୍ୱାର ଖୋଲି ମୁଣ୍ଡିଆ ମାରି ଭିତରକୁ ପ୍ରବେଶ କରିଥିଲେ । ପ୍ରଥମେ ବାହାର ରତ୍ନ ଭଣ୍ଡାର ଭିତରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଗୁଡିକୁ ଶ୍ରୀମନ୍ଦିର ଭିତରେ ଥିବା ଚାଙ୍ଗଡ଼ା ଘର, ଫୁଲ ଘରେ ହୋଇଥିବା ଅସ୍ଥାୟୀ ଷ୍ଟଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି । ବାହାର ରତ୍ନଭଣ୍ଡାର ଭିତରେ ଥିବା ଅଳଙ୍କାର ଗୁଡିକୁ ସ୍ଥାନାନ୍ତରଣ ପରେ ଅସ୍ଥାୟୀ ଷ୍ଟଙ୍ଗରୁମ୍‌କୁ ସିଲ୍ କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି । ଆଜି ନିର୍ଦ୍ଧାରିତ ସମୟରେ ରତ୍ନଭଣ୍ଡାର ଭିତରକୁ ଯାଇଥିଲେ ୧୧ ଜଣ ସଦସ୍ୟ । ରତ୍ନଭଣ୍ଡାର ଯାଂଚ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ସଦସ୍ୟ ଡାକ୍ତର ସିବିକେ ମହାନ୍ତି, ଗଜପତି ମହାରାଜାଙ୍କ ପ୍ରତିନିଧି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏଏସ୍‌ଆଇ ଅଧୀକ୍ଷକ ଡିବି ଗଡ଼ନାୟକ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଡ଼ଉ କରଣ ଓ ଦେଉଳ କରଣ ପ୍ରମୁଖ ରତ୍ନଭଣ୍ଡାର ଭିତରକୁ ଯାଇଥିଲେ । ତେବେ ଆଜି ପ୍ରଥମ ଦିନରେ ୧୧ ଜଣ ସଦସ୍ୟ ରତ୍ନଭଣ୍ଡାର ଏସଓପି ମୁତାବକ ସମସ୍ତ କାର୍ଯ୍ୟ କରି ଫେରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ...୭

ଆଜି ବାହୁଡ଼ାଯାତ୍ରା

ପୁରୀ: ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ଶେଷ ହୋଇଛି । ବାହୁଡା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ବନ୍ଦ ହୋଇଛି । ଦର୍ଶନ ବନ୍ଦ ପରେ ଶ୍ରୀଜିଉଙ୍କ ଅନ୍ୟ ନିତି ସମ୍ପନ୍ନ ହେବ । ଆଜି ସକାଳ ଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଶରଧାବାଲିରେ ଲୋକାରଣ୍ୟ ଦେଖାଯାଇଛି । ରାତି ପାହିଲେ ମହାପ୍ରଭୁ ଶ୍ରୀମନ୍ଦିର ଅଭିମୁଖେ ବାହାରିବେ । ଏଥିପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ପ୍ରସ୍ତୁତ ଅଛନ୍ତି । ଶୃଙ୍ଖଳିତ ବାହୁଡ଼ା ଯାତ୍ରା ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଜୁଲାଇ ୧୫ରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା । ଏହା ପୂର୍ବଦିନ ଆଡ଼ପମଣ୍ଡପରେ ଶେଷ ଦର୍ଶନ ଭାବେ ଅଗଣିତ ଭକ୍ତ ସନ୍ଧ୍ୟା ଦର୍ଶନ କରିଥାନ୍ତି । କିନ୍ତୁ ବଗତ କିଛି ବର୍ଷ ହେଲା ବାହୁଡ଼ା ଯାତ୍ରା ଓ ପହଣ୍ଡି ବିଳମ୍ବ ଆଳରେ ସନ୍ଧ୍ୟା ଦର୍ଶନ ବନ୍ଦ କରି ଦିଆଯାଉଛି । ଚଳିତବର୍ଷ ବି ଭକ୍ତ ସନ୍ଧ୍ୟା ଦର୍ଶନର ସୁଯୋଗ ପାଇବେନି । ରବିବାର ସନ୍ଧ୍ୟା ୫ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପଦର୍ଶନ ବନ୍ଦ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତି ନେଇଛି । ସୂଚନା ଅନୁଯାୟୀ ରତ୍ନଭଣ୍ଡାର ଖୋଲାଯିବା ନେଇ ସମସ୍ତଙ୍କର ଉତ୍ସୁକତା ରହିଥିବା ବେଳେ ରତ୍ନଭଣ୍ଡାର ଭିତରୁ ବାହାରିଛନ୍ତି ଅଧିକୃତ ସଦସ୍ୟ । ବାହାରକୁ ବାହାରିବା ପରେ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି କି, ଏସଓପି ମୁତାବକ ସମସ୍ତ କାର୍ଯ୍ୟ ହୋଇଛି । ଅରବିନ୍ଦ ପାଢ଼ୀଙ୍କ କହିବା ମୁତାବକ ବାହାର ରତ୍ନଭଣ୍ଡାରରୁ ...୭

ମହତ ଉଦ୍ଦେଶ୍ୟ ନେଇ ଖୋଲାଗଲା ରତ୍ନଭଣ୍ଡାର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର: ମହତ ଉଦ୍ଦେଶ୍ୟ ନେଇ ଠିକ୍ ୧ଟା ୨୮ ମିନିଟରେ ଖୋଲାଗଲା ବହୁ ପ୍ରତୀକ୍ଷିତ ମହାପ୍ରଭୁଙ୍କ ରତ୍ନଭଣ୍ଡାର । ବାହାର ରତ୍ନଭଣ୍ଡାରକୁ ଖୋଲାଯାଇଛି । ଏବେ ରତ୍ନଭଣ୍ଡାର ମଧ୍ୟରେ ୧୧ଜଣିଆ ସଦସ୍ୟ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲେଖିଛନ୍ତି, ଜୟ ଜଗନ୍ନାଥ ହେ ମହାପ୍ରଭୁ । ତୁମେ ଲୀଳାମୟ । ତୁମ ଇଚ୍ଛାରେ ଏ ସାରା ସଂସାର ଆତଯାତ ହେଉଛି । ତୁମେ ଓଡ଼ିଆ ଜାତିର ହୃତ୍‌ସ୍ପନ୍ଦନ । ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ଶ୍ରେଷ୍ଠ ପରିଚୟ । ତୁମ ଇଚ୍ଛାରେ ଓଡ଼ିଆ ଜାତି ଆଜି ତାରଅସ୍ମିତାର ପରିଚୟକୁ ନେଇ ଆଗକୁ ବଢ଼ିବାକୁ ଉଦ୍ୟମ ଆରମ୍ଭ କରିଛି । ତୁମ ଇଚ୍ଛାରେ ପ୍ରଥମେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଲା । ତୁମ ଇଚ୍ଛାରେ ୪୬ ବର୍ଷ ପରେ ଆଜି ଏକ ମହତ୍ ଉଦ୍ଦେଶ୍ୟ ନେଇ ରତ୍ନ ଭଣ୍ଡାର ଖୋଲାଗଲା । ଏ ମହାନ୍ କାର୍ଯ୍ୟ ସଫଳ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । ତୁମ ଆଶୀର୍ବାଦରେ ପ୍ରତ୍ୟେକ ଓଡ଼ିଆ ଜାତି, ଗୋଷ୍ଠୀ, ବର୍ଣ୍ଣ ଓ ସର୍ବୋପରି ରାଜନୀତିର ଭେଦକୁ ଭୁଲି ଆଧ୍ୟାତ୍ମିକ ଓ ଭୌତିକ ଜଗତରେ ଓଡ଼ିଶାର ଏକ ନୂଆ ପରିଚୟ ସୃଷ୍ଟି କରିବାକୁ ଅଗ୍ରସର ହେଉ, ଏତିକି ପ୍ରାର୍ଥନା । ଏଣେ ପୁରୀରେ ପହଂଚିଛି ୬ଟି ସିନ୍ଦୁକ । ରବିବାର ରତ୍ନଭଣ୍ଡାରର ଅଳଙ୍କାରକୁ ରଖିବା ପାଇଁ ପୁରୀରେ ପହଂଚିଛି ୬ଟି ସିନ୍ଦୁକ । ତେବେ ପ୍ରାଥମିକ ସୂଚନା ମୁତାବକ, ଶାଗୁଆନ୍ କାଠରେ ଏହି ସିନ୍ଦୁକକୁ ପ୍ରସ୍ତୁତ କରାଯାଇଛି । ତା ସହ ଏଥିରେ ପିତଳର ଲେପ ମଧ୍ୟ ଦିଆଯାଇଛି । ରତ୍ନଭଣ୍ଡାରର ଅଳଙ୍କାର ସବୁକୁ ଏହି ସିନ୍ଦୁକରେ ରଖାଯିବ ବୋଲି କୁହାଯାଇଛି ।

କରେଂଟ ଲାଗି ୧୦ ଶିଶୁ ଗୁରୁତର

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଫାଶୀଗୁଡ଼ା ଗାଁରେ ବଡ଼ ଅଘଟଣ । ଗାଁ ରେ ଯାତ୍ରା ଷ୍ଟେଜ ତଳେ କରେଂଟ ଲାଗିବାରୁ ୧୦ରୁ ଅଧିକ ଶିଶୁ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଆହତ ଶିଶୁଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି । ଆହତ ଶିଶୁମାନଙ୍କ ବୟସ ୭ରୁ ୧୨ ବର୍ଷ ମଧ୍ୟରେ । ଫାଶୀଗୁଡ଼ା ଗାଁରେ ୯ ତାଖିରୁ ମନ୍ଦିର ପ୍ରତିଷ୍ଠା ପାଇଁ କାର୍ଯ୍ୟକ୍ରମ ଚାଲିଥିଲା । ୫ ଦିନ ଧରି ବେସ୍ ଉତ୍ସାହରେ ଗାଁ ର ଲୋକମାନେ ବିତାଉଥିଲେ । ଆଜି ଶେଷଦିନରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା । ନାଟକକୁ ଦେଖିବା ...୭

ଆଗାମୀ ୫ ଦିନ ପ୍ରବଳ ବର୍ଷା !

ଭୁବନେଶ୍ୱର: ଆଷାଢ଼ ସାରିବାକୁ ବସିଲାଣି । ହେଲେ ବିଲରେ ବିଲୁଆ ଡେଉଁଛି । ମେଘର ଦେଖାନାହିଁ । ଯେଉଁଥିପାଇଁ ଚାଷୀ ଭାଇ ବିଚରା ଚାଷ କାର୍ଯ୍ୟ ଆରମ୍ଭ କରିପାରୁନି । ହେଲେ ଆଜି ଚାଷୀ ଭାଇଙ୍କ ପାଇଁ ଆସୁଛି ଭଲ ଖବର । ଆଗାମୀ ୫ ଦିନ ପାଇଁ ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଗାମୀ ୨୪ ଘଂଟା ଭିତରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଂଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଖୋର୍ଦ୍ଧା, ଅନୁଗୋଳ, ନୟାଗଡ଼, ବରଗଡ଼, ବଲାଙ୍ଗିର,...୭

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଗୁଳିମାଡ଼, କାନରେ ଗୁଳି ବାଜିଥିବା ସୂଚନା

ୱାଶିଂଟନ: ଡୋନାଲ୍ଡ ଟ୍ରମ୍ପଙ୍କୁ ଗୁଳିମାଡ଼ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରକୁ ଗୁଳିମାଡ଼ ହୋଇଛି । ଟ୍ରମ୍ପଙ୍କ ଡାହାଣ କାନରେ ଗୁଳି ବାଜିଥିବା ସୂଚନା ମିଳିଛି । ପେନସିଲଭାନିଆରେ ଏକ ରାଲି ସମୟରେ ତାଙ୍କ ଉପରେ ଗୁଳିମାଡ଼ ହୋଇଛି । ଗୁଳିମାଡ଼ ପରେ ତାଙ୍କୁ ଉପସ୍ଥିତ ଥିବା ସିକ୍ରେଟ ସର୍ଭିସ ଏଜେଂଟ ସେଠାରୁ ଉଦ୍ଧାର କରି ହସପିଟାଲରେ ଭର୍ତି କରିଥିଲେ । ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିରେ ସନ୍ଦିଗ୍ଧ ସୁଟର ନିହତ ହୋଇଛି । ଏହାସହ ରାଲିରେ ଯୋଗଦେଇଥିବା ଜଣେ ବ୍ୟକ୍ତିଙ୍କର ମଧ୍ୟ ମୃତ୍ୟୁ ହୋଇଛି । ବର୍ତମାନ ଟ୍ରମ୍ପ ସୁରକ୍ଷିତ ଥିବା ସିକ୍ରେଟ ସର୍ଭିସ ପକ୍ଷରୁ କୁହାଯାଇଛି । ଗୁଳି ମାଡ଼ ପରେ ବି ଡୋନାଲ୍ଡ ଟ୍ରମ୍ପ ଉପସ୍ଥିତ ଜନତାଙ୍କ ଆଡ଼କୁ ହାତ ହଲାଇ ସମ୍ବୋଧିତ କରୁଥିବା ଦେଖିବାକୁ ମିଳିଥିଲା । ମଂଚରୁ ଟ୍ରମ୍ପ ଓହ୍ଲାଇବା ମାତ୍ରେ ରାଲି ଗ୍ରାଉଣ୍ଡକୁ ...୭

ମୋଦିଙ୍କ '୪ ବର୍ଷରେ ୮ କୋଟି' ଚାକିରି ବୟାନକୁ ମିଛ କହିଲେ ଖଡଗେ

ନୂଆଦିଲ୍ଲୀ: ଦେଶରେ ୪ ବର୍ଷ ମଧ୍ୟରେ ୮ କୋଟି ଚାକିରି ସୃଷ୍ଟି କରାଯାଇ ବେକାରୀ ସମସ୍ୟାର ମିଛ ଖବର ପ୍ରଚାର କରୁଥିବା ଲୋକଙ୍କୁ ଚୁପ କରି ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନକ ତଳେ କହିଥିଲେ । ମୋଦିଙ୍କ ଏହି ୮ କୋଟି ଚାକିରି ସୃଷ୍ଟି ବୟାନକୁ କଂଗ୍ରେସ ମିଛର ଗନ୍ତାଘର କହି ସମାଲୋଚନା କରାଯାଇଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆପଣ ଗତକାଲି ମୁମ୍ବାଇରେ ଚାକିରି ଦେବା ଉପରେ ମିଛର ମାୟାଜାଲ ବୁଣୁଥିଲେ । ଆପଣ ଜାତୀୟ ନିଯୁକ୍ତି ସଂସ୍ଥା(ଏନଆରଏ) ଘୋଷଣା କରିବା ବେଳେ କହିଥିବା କଥାକୁ ମୁଁ ଆପଣଙ୍କ ମନେ ପକାଇ ଦେବାକୁ ଚାହୁଁଛି । ୨୦୨୦ ମସିହା ଅଗଷ୍ଟ ମାସରେ ଆପଣ କହିଥିଲେ 'ଏନଆରଏ କୋଟିକୋଟି ଯୁବଗୋଷ୍ଠୀଙ୍କ ପାଇଁ ବରଦାନ ସଦୃଶ ହେବ । ଗୋଟିଏ ସାଧାରଣ ଯୋଗ୍ୟତା ପର୍ଯ୍ୟାୟ ପରୀକ୍ଷା ଅନେକ ଟେଷ୍ଟର ଆବଶ୍ୟକତାକୁ ପୂର୍ଣ୍ଣ କରିବ । ଏହା ମୂଲ୍ୟବାନ ସମୟ ସହ ସମ୍ବଳରକୁ ମଧ୍ୟ ରକ୍ଷା କରିବ । ଏଥିରେ ପାରଦର୍ଶିତାକୁ ମଧ୍ୟ ବଳ ମିଳିବ ।' ଏନଟିଏ ଦ୍ୱାରା ଅନିୟମିତତା, ଦୁର୍ନୀତି ଓ ପେପର ଲିକ କରାଗଲା ଏବଂ ଏନଆରଏ ଦ୍ୱାରା ପରୀକ୍ଷା କରାଗଲା ନାହିଁ । ଶିକ୍ଷା ପ୍ରଣାଳୀକୁ ଧ୍ୱଂସ କରିବା ଓ ଯୁବକଙ୍କ ଭବିଷ୍ୟତକୁ ନଷ୍ଟ କରିବା ପାଇଁ ବିଜେପି-ଆରଏସ୍‌ଏସ୍ ନିଷ୍ପତି ନେଇଛନ୍ତି ।

ଘରେ କେହି ନଥିବା ବେଳେ ବୁଲାଇଲେ କଳାକନା, ତାଲା ଭାଙ୍ଗି ଲୁଟିଲେ

ବେତନଟୀ ସଦର: ବୈଶିଙ୍ଗା ଥାନା ଅଂଚଳରେ ଦିନକୁ ଚୋରି ବୃଦ୍ଧି ପାଇବାରେ ଲାଗିଛି । ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟ୍ କରିଚାଲିଛନ୍ତି ଦୁର୍ବୃତ । ଶନିବାର ସନ୍ଧ୍ୟାରେ ଉକ୍ତ ଥାନା ଅଧୀନ ପତଡ଼ା ଗ୍ରାମର ଯୁଗପୁରା ଛକର ଅନତି ଦୂରରେ ରାସ୍ତା ପାର୍ଶ୍ୱରେ ଥିବା ଜନୈକ ବ୍ୟକ୍ତିଙ୍କ ଘରୁ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ଗ୍ରିଲ ତାଲା ସମେତ ଭିତର କବାଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହଅନ୍ୟ ସାମଗ୍ରୀ ଲୁଟ୍ ? କରି ନେଇଛନ୍ତି ଲୁଟେରା । ସୂଚନା ଅନୁଯାଇ ଉକ୍ତ ଗ୍ରାମର ସ୍ୱର୍ଗତଃ କ୍ଷୀରଦ ଚନ୍ଦ୍ର ମହାପାତ୍ରଙ୍କ ପୁଅ ଯତୀନ ମହାପାତ୍ର ପୂର୍ବରୁ ଚାକିରି କରି ବାହାରେ ରହୁଥିବାବେଳେ ଏଇମାତ୍ର ୨ବର୍ଷ ପୂର୍ବରୁ ଯୁଗପୁରା ଛକ ଉପକଣ୍ଠ ଜାରକା- ଯୁଗପୁରା ରାସ୍ତା ପାର୍ଶ୍ୱରେ ଏକ ନୂଆ ଘର କରି ନିଜ ଧର୍ମପତ୍ନୀ...୭

କ୍ଷୁଦ୍ର ଚଳଚ୍ଚିତ୍ର 'ତାରା' ଅନୁଷ୍ଠିତ

କୋରାପୁଟ,୧୪/୦୭(ଶୁଭାଶିଷ ନାୟକ) : କୁନ୍ଦନ କ୍ରିଏସନ ନିର୍ମିତ, ସୁଶ୍ରୀ ଶାଶ୍ୱତୀ ସାହୁ ପ୍ରଯୋଜିତ କ୍ଷୁଦ୍ର ଚଳଚ୍ଚିତ୍ର 'ତାରା'ର ପ୍ରିମିୟର ସୋ ଆଜି ପୂର୍ବାହ୍ନ ୧୦:୩୫ ସମୟରେ ଅନୁଷ୍ଠିତ ହୋଇସାରିଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ କୁମୁଦମାଳା ମହାନ୍ତି ଏବଂ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ଲେଖକ ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଜୀତୁ ମିଶ୍ର, ଏବଂ ଗୀତିକାର ଶ୍ରୀଯୁକ୍ତ ପ୍ରଦୀପ ସାହୁ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଶ୍ରୀଯୁକ୍ତ ରଘୁନାଥ ବିଶ୍ୱାଳ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରୁ ଦୁଇ ଶହରୁ ଉର୍ଦ୍ଧ୍ୱ କଳାକାର ଏହି କାର୍ଯ୍ୟକ୍ରମରେ ଦର୍ଶକ ସାଜିଥିଲେ । କଳାକାରମାନଙ୍କ ଅଭିନୟ ତଥା ସଂଳାପ ଦର୍ଶକମାନଙ୍କ ହୃଦୟକୁ କିଣିପାରିଥିଲା ଏବଂ ଅଧିକାଂଶ କଳାକାରଙ୍କ ଆଖିରୁ ଲୁହ ଝରାଇ ଦେଇଥିଲା । ସମ୍ପୂର୍ଣ୍ଣ ପାରିବାରିକ ଏହି କ୍ଷୁଦ୍ର ଚଳଚ୍ଚିତ୍ରଟିରେ ସମସ୍ତଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିପାରିଥିଲା । ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ଅନ୍ୟ ଜଣକୁ କିଭଳି ସହାୟକ ହୋଇପାରିବେ ତଥା ଅଙ୍ଗଦାନ ମହତ ଦାନ କଥାଟିକୁ ସମସ୍ତେ ଉପଲବ୍ଧ କରିପାରିବେ ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଆମ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ଆଖି ଆଗରେ ରଖି ଏହି ଚଳଚ୍ଚିତ୍ରଟି ପରିକଳ୍ପନା କରାଯାଇଥିଲା । ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ଶ୍ରୀଯୁକ୍ତ ଜୀତୁ ମିଶ୍ର, ଶ୍ରୀଯୁକ୍ତ ପ୍ରଦୀପ ସାହୁ, ସୁଶ୍ରୀ ବୈଷ୍ଣବୀ ବେହେରା, ଶ୍ରୀମତୀ ବିଜୟଲକ୍ଷ୍ମୀ ପାଣିଗ୍ରାହି, ସୁଶ୍ରୀ ପ୍ରଜ୍ଞା ପଣ୍ଡା, ଡ. ଅମିତ ଦାସ, କୁନିକଳାକାର ଦିବ୍ୟାଂସ ଏବଂ ହଂସୀ । ଚଳଚ୍ଚିତ୍ରର ସଂଳାପରେ ଥିଲେ ଶ୍ରୀଯୁକ୍ତ ସନ୍ତୋଷ ଦାସ ଓ ଜୀତୁ ମିଶ୍ର । ସଂଗୀତକୁ ନିର୍ଦ୍ଦେଶନା ଦେଇଥିଲେ ଶ୍ରୀଯୁକ୍ତ ନିହାର ମହାନ୍ତି ଓ ସଂଗୀତରେ କଣ୍ଠଦାନ କରିଥିଲେ ଶ୍ରୀମତୀ କୁନ୍ତୀ ମହାପାତ୍ର, ଶ୍ରୀଯୁକ୍ତ ଯୋଗେନ୍ଦ୍ର ମହାପାତ୍ର, ସୁଶ୍ରୀ ସଂଜୀବନୀ ପଣ୍ଡା, ସୁଶ୍ରୀ ପ୍ରଜ୍ଞା ପଣ୍ଡା, ସୁଶ୍ରୀ ସଂଚିତା ଏବଂ ଶଶାଙ୍କ । ଚଳଚ୍ଚିତ୍ରରେ ରୂପସଜ୍ଜାରେ ଥିଲେ ଉମାକାନ୍ତ ମହାରଣା ଏବଂ ବୁଲୁ ଷଡଙ୍ଗୀ । ଡବିଙ୍ଗ କାର୍ଯ୍ୟ ଶ୍ରୀମାନ ପୀୟୁଷ ପଟ୍ଟନାୟକ ସମ୍ପାଦନା କରିଥିବା ସମୟରେ କ୍ୟାମେରା, ଭିଡିଓ ଏଡିଟିଙ୍ଗରେ ଥିଲେ ଶ୍ରୀମାନ ବ୍ୟୋମକେଶ ମହାନ୍ତି । ଚଳଚ୍ଚିତ୍ରର ଫଟୋଗ୍ରାଫିରେ ଥିଲେ ଶ୍ରୀମାନ ବିକାଶ । ଏହି ଚଳଚ୍ଚିତ୍ରଟି ଦାଦା ସାହେବଫାଲକେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହେବା କଥା କାର୍ଯ୍ୟକ୍ରମରର ଘୋଷଣା କରାଯାଇଥିଲା । ଶେଷରେ ଟିମ 'ତାରା' ପକ୍ଷରୁ ବିଶେଷ ସହଯୋଗ ପାଇଁ ଉଷା ହସପିଟାଲ ଜୟପୁର, ଏସ. ଆର. ନୋଭା ଶ୍ରୀଯୁକ୍ତ ସୁବାସ ରାଉତ, ଗୀତାଞ୍ଜଳି କଲ୍ୟାଣ ମଣ୍ଡପ, ଶ୍ରୀଯୁକ୍ତ ଧୀରେନ ମୋହନ ପଟ୍ଟନାୟକ, ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାମନ୍ତରାୟ, ଶ୍ରୀଯୁକ୍ତ ସୁଶାନ୍ତ ଅଧିକାରୀ, ଆର. ଏନ. ଡିଜିଟାଲ, ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟ, ଇଲେକ୍ଟ୍ରି ମିଡିଆ ଓ ମାସ ମିଡ଼ିଆର ସମସ୍ତ ସାମ୍ବାଦିକ ଭାଇ ଓ ଭଉଣୀମାନଙ୍କୁ ଧନ୍ୟବାଦ ଦେବା ସହ ଉପସ୍ଥିତ ସମସ୍ତ ଦର୍ଶକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

ବ୍ୟାସକବି ନଗରରେ ରକ୍ତଦାନ ଶିବିର ଓ ବାଲେଶ୍ୱର ବିଧାୟକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ,୧୪/୦୭(ଓଡ଼ିଶା ଖବର) : 'ବାସନ୍ତୀଲତା ଏଜୁକେସନାଲ୍ ଓ ଚ୍ୟାରିଟେବୁଲ୍ ଟ୍ରଷ୍ଟ' ଏବଂ 'ବ୍ୟାସକବି ନଗର ବିକାଶ ପରିଷଦ' ପକ୍ଷରୁ ଓ 'ରୟାଲ୍ କ୍ଲବ୍'ର ସହାୟତାରେ ରବିବାର ଦିନ ପୂର୍ବାହ୍ନରେ ଏକ ରକ୍ତଦାନ ଶିବିର ସହଦେବଖୁଂଟାସ୍ଥିତ ଚାନ୍ଦମାରି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱରର ସଦରର ନବନିର୍ବାଚିତ ବିଧାୟକ ମାନସ କୁମାର ଦତ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ସହଦେବଖୁଂଟା ସହରାଂଚଳ ଚିକିତ୍ସାଳୟର ମେଡିକାଲ୍ ଅଫିସର ଡା. ଲମ୍ବୋଦର ବଳ ଓ ଜିଲ୍ଲା ରକ୍ତଦାତା ସଂଘର ସଂପାଦକ ଇଂ. ଡ. ହୃଷିକେଶ ସାହୁ ଅତିଥିଭାବେ ଉତ୍ସବରେ ଉପସ୍ଥିତ ଥିଲେ । ଉକ୍ତ ଶିବିରରେ ୫୦ରୁ ଉର୍ଦ୍ଧ୍ୱ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଏହି ଅବସରରେ ବ୍ୟାସକବି ନଗର ବିକାଶ ପରିଷଦର ସଭାଗୃହରେ ନବନିର୍ବାଚିତ ବିଧାୟକ ଶ୍ରୀ ଦତଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ସଂଜୟ କୁମାର ଚୌଧୁରୀ ଓ ସାଧାରଣ ସଂପାଦକ ବିନୋଦ ବିହାରୀ ପଣ୍ଡା କ୍ଲବ୍ ପକ୍ଷରୁ ସଭାପତି ଭଗବାନ ମହନ୍ତୀ ଓ ସଂପାଦକ ସୁଧୀର ଦାସ, ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ବାସନ୍ତୀଲତା ଦାସ, ପୁତ୍ର ଜିତେନ୍ଦ୍ର ଦାସ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ୩ଟି ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟାମାନେ ସହଯୋଗ ପ୍ରଦାନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଚଳିତବର୍ଷ ବାଲେଶ୍ୱର ଜିଲ୍ଲାରେ ଆବଶ୍ୟକୀୟ ରକ୍ତ ସଂଗ୍ରହ କରାଯାଇ ପାରିନଥିବାବେଳେ ଏହି ରକ୍ତଦାନ ଶିବିରକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ରେଳ ଧାରଣାର ଦୁଇ ସ୍ଥାନରୁ ଖଣ୍ଡବିଖଣ୍ଡିତ ଦୁଇ ମୃତଦେହ ଉଦ୍ଧାର

ଜଳେଶ୍ୱର ୧୪/୭ (ରବିନାରାୟଣ ପାତ୍ର) : ଜଳେଶ୍ୱର ଜିଆର୍‌ପି ଷ୍ଟେସନର ଅନତି ଦୂର ଦୁଇଟି ସ୍ଥାନରୁ ୨ଟି ଶବ ଉଦ୍ଧାର କରିଛି । ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପ ଗାଁର ଜ୍ଞାନ ପାତ୍ରଙ୍କ ପୁଅ ବିଶ୍ୱଜିତ୍ ପାତ୍ର (୩୭)ର ଖଣ୍ଡବିଖଣ୍ଡିତ ଶରୀର ଜିଆର୍‌ପି ରାଜପୁର ଗେଟ ନିକଟରୁ ଉଦ୍ଧାର କରିଛି । ତା ପକେଟରୁ ଶାଲିମାର-ସମ୍ବଲପୁର ମହିମା ଗୋସାଇଁ ଟ୍ରେନର ଏକ ଟିକେଟ ପୁଲିସ୍ ଜବତ୍ କରିଛି । ବିଶ୍ୱଜିତ୍ ପାତ୍ର ଅବିବାହିତ ଥାଇ ୫ବର୍ଷ ଧରି ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିଲେ । ଏଥିରେ ଜିଆର୍‌ପି କେସ୍ ନଂ ୫୯/୨୪ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି । ଗାଁ ଶ୍ମଶାନରେ ତାର ଶେଷକୃତ୍ୟ ହୋଇଥିବା ଜଣାଯାଇଛି । ଏପରି ଅକାଳ ବିୟୋଗରେ ତାର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମିତି ସଦସ୍ୟ ଜିତେନ୍ଦ୍ର ଦାସ ଓ ସରପଂଚ ରଂଜନ ମହାନ୍ତି, ସମାଜସେବୀ ହରିଭାଇ ନିବେଦନ କରିଛନ୍ତି ।ସେହିପରି ଅପ୍‌ଲାଇନ୍‌ରେ ୧୯୭/୯/୧୧ କିମି.ସ୍ଥାନରୁ ଜିଆର୍‌ପି ଅନ୍ୟଜଣେ ଅଚିହ୍ନା ମହିଳାଙ୍କ ଶବ ରେଳ ଧାରଣାରୁ ପାଇଛି । ତାର ବୟସ ୩୮ ବୋଲି ଅନୁମାନ କରାଯାଉଥିବା ବେଳେ ହାତରେ ଶଂଖା, ଚୁଡ଼ି ରହିଛି । ମାଟିଆ ଛିଟ ରଂଗର ଶାଢ଼ି ଓ ସବୁଜ ରଂଗର ବ୍ଲାଉଜ ପିନ୍ଧିଥିବା ପୁଲିସ୍ କହିଛି । ଏଥିନେଇ ପୁଲିସ୍ ୬୦/୨୪ରେ ଏକ ମାମଲା ରୁଜୁ କରିଛି ।

ଆଡ଼ପ ଆସରରେ ଭକ୍ତି ସାହିତ୍ୟ

ପୁରୀ,୧୪/୦୭ (ସମୀର ରଞ୍ଜନ ନାୟକ): ପବିତ୍ର ରଥଯାତ୍ରା ଅବସରରେ ଭୋଳାନାଥ ବିଦ୍ୟାପୀଠରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ପଲ୍ଲୀଶ୍ରୀ ମେଳା ମଂଚରେ ପୁରୀ ଜିଲ୍ଲା ଲେଖକ ସହଯୋଗ ସମିତି ଆଡ଼ପ ଆସର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ସଭାପତି ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଡ଼ପ ଆସରରେ ଗୀତିକାର ବଦ୍ରି ମିଶ୍ର, ବାବାଜୀ ଚରଣ ଜେନା, ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ମିହିର କୁମାର ସାହୁ, ରକ୍ଷକ ନାୟକ, ଶଙ୍କର୍ଷଣ ପରିଡ଼ା, ଡକ୍ଟର ହେମନ୍ତ ଛୋଟରାୟ, ଅନାମ ଚନ୍ଦ୍ର ସାହୁ, ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ବିଭୂତି ଭୂଷଣ ପଟ୍ଟନାୟକ, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ମଂଚାସୀନ ଥିଲେ । ଏହି ଅବସରରେ ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀଙ୍କ ରଚିତ କାବ୍ୟ 'ବ୍ରହ୍ମାଣ୍ଡ ଠାକୁର', ବିଭୂତି ଭୂଷଣ ପଟ୍ଟନାୟକଙ୍କ ରଚିତ ନାଟକ 'ମୁଁ ସୈନିକ ହେବି', ପ୍ରବାସିନୀ ମିଶ୍ରଙ୍କ ରଚିତ ଶିଶୁ - କିଶୋର କବିତା ସଙ୍କଳନ 'ଗୁଦୁଲୁ ଗାଦୁଲୁ', ଜାନକୀ ବଲ୍ଲଭ ଦାଶଙ୍କ ରଚିତ ଶିଶୁ - କିଶୋର ଗଳ୍ପ ସଂକଳନ 'ଗପ କହିବେ ଅଜା' ଏବଂ ରୋଜାଲିନ ସେନାପତିଙ୍କ ରଚିତ କବିତା ସଙ୍କଳନ 'ବିଶ୍ୱକର୍ତ୍ତା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ମିନତି ପଟ୍ଟନାୟକ, କ୍ରିଷ୍ଣା ମହାପାତ୍ର ଏବଂ ସନ୍ନ୍ୟାସୀ ନାୟକଙ୍କ ସଂଯୋଜନାରେ ବାବାଜୀ ଚରଣ ଜେନା, ସୁରେଶ ପଟ୍ଟନାୟକ, ପ୍ରଭାତ ରଥ, ଡକ୍ଟର ରାନୁ ମିଶ୍ର, ସୁଜାତା ସିହ୍ନା, ଆଶାଲତା ପ୍ରଧାନ, ଡକ୍ଟର ନଟବର ଆଚାର୍ଯ୍ୟ, ଆଲୋକ ପ୍ରଧାନ, ପ୍ରବାସିନୀ ମିଶ୍ର, ଡକ୍ଟର ସସ୍ମିତା ମିଶ୍ର, ବିଚିତ୍ରା ଦାଶ, ଶ୍ୟାମ ପ୍ରକାଶ ସେନାପତି, ମହେଶ୍ୱର ଜେନା ପ୍ରମୁଖ ୬୦ ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସଂପାଦକ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ବିପିନ ବିହାରୀ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଶେଷରେ ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତି ଦ୍ୱିତୀୟ ବାର୍ଷିକି ବୈଠକ

କେନ୍ଦ୍ରାପଡ଼ା,୧୪/୦୭(ଓଡ଼ିଶା ଖବର) : ଓସ୍ତପୁର କୃଷି ସମବାୟ ସମିତିର ଦ୍ୱିତୀୟ ବାର୍ଷିକ ବୈଠକ ଆଜି ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଏହି ବୈଠକରେ ସଭାପତିତ୍ୱ କରି କହିଥିଲେ ଯେ ଏହି ସମବାୟ ସମିତିରେ ନିୟମିତ ଭାବେ ସାର ଓ ବିହନ କୃଷକ ମାନଙ୍କୁ ସରକାରୀ ଦରରେ ଯୋଗାଇ ଦିଆଯାଉଛି । ଯାହା ଦ୍ୱାରାକି ଓସ୍ତପୁର ଓ କଂସାର ଦୁଇଟି ପଂଚାୟତର ୬ ହଜାରରୁ ଉର୍ଦ୍ଧ୍ୱ ଚାଷୀ ବିଶେଷ ଭାବେ ଉପକୃତ ହେଉଛନ୍ତି । ଚାଷୀମାନଙ୍କୁ ଜୈବିକ ସାର ବ୍ୟବହାର କରିବା ପାଇଁ ସଭାପତି ଶ୍ରୀ ଜେନା ପରାମର୍ଶ ଦେଇଥିଲେ । ଗୋପାଳନ ଦ୍ୱାରା ଜୈବିକ ସାର ସୃଷ୍ଟି ହୋଇପାରିବ । ଫଳରେ ରାସାୟନିକ ସାରର ପରିମାଣ ଜମିରେ କମ ପ୍ରୟୋଗ ହେବ । ତେଣୁ ଚାଷୀମାନେ ଗୋପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଏହି ସମିତିରେ ଥିବା ମିନି ବ୍ୟାଙ୍କ ଚାଷୀମାନଙ୍କୁ ଋଣ ପ୍ରଦାନ କରିବାରେ କିପରି ସହାୟକ ହେଉଛି ସେ ସମ୍ପର୍କରେ ସେ ବିଷଦ ଭାବରେ ବର୍ଣ୍ଣନା କରିଥିଲେ । ସମିତି ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ କହିଲେ ସମିତି କାର୍ଯ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ସେହିପରି ବର୍ତ୍ତମାନ ବାୟୁମଣ୍ଡଳ ଉତପ୍ତ ହେଉଥିବାରୁ ଚାରା ରୋପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ ଏହି ପଂଚାୟତ ସମେତ ଆଖପାଖ ପଂଚାୟତରେ ଥିବା ଖାଲି ସ୍ଥାନ ଓ ଗୋଚର ଜମିରେ ଚାରା ରୋପଣ କରି ଅଂଚଳର ସବୁଜ ବଳୟ ସୃଷ୍ଟି କରାଯିବ । ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ପରିପାଣ ହ୍ରାସ ପାଇବ । ସମିତି ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ରାଉତ, କବିଚନ୍ଦ୍ର ବିଶ୍ୱାଳ, ପ୍ରମୋଦ କୁମାର ରାଉତରାୟ, କୈଳାଶ ଚନ୍ଦ୍ର ବେହେରା, ବଂଶୀଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପ୍ରଧାନ, ପ୍ରେମାଞ୍ଜନ ସାହୁ, ରଜନୀକାନ୍ତ ଲେଙ୍କା, ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଅନୁଗୁଳ ଜିଲ୍ଲା ବ୍ୟବସାୟୀ ସଂଘ (କେଟ୍)ର ସ୍ଥାପନା ଦିବସ ପାଳିତ: କମଳ ଅଗ୍ରୱାଲ ହେଲେ ନୂତନ ଅଧ୍ୟକ୍ଷ

ତାଳଚେର,୧୪/୦୭(ମଦନମୋହନ ସାହୁ) : କେଟ୍ (କନଫେଡରେସନ ଅଫ ଅଲ ଇଣ୍ଡିଆ ଟ୍ରେଡରସ) ଅନୁଗୁଳ ଜିଲ୍ଲା ଶାଖା ର ଚତୁର୍ଥ ପ୍ରତିଷ୍ଠା ଦିବସ ଆଜି ହୋଟେଲ କମଲେସ କଂଟିନେଂଟାଲ ଠାରେ ଆୟୋଜିତ ହୋଇଯାଇ ଅଛି । କ୍ୟାଟ ଅନୁଗୁଳ ର ଅଧ୍ୟକ୍ଷ ଶ୍ରୀ ଯୁକ୍ତ ରାଜ୍ କୁମାର ଶୁକ୍ଲା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଢ଼େଙ୍କାନାଳ ସାଂସଦ ଶ୍ରୀ ଯୁକ୍ତ ରୁଦ୍ର ନାରାୟଣ ପାଣି , କ୍ୟାଟ ର ଜାତୀୟ ଉପାଧ୍ୟକ୍ଷ ଶ୍ରୀ ଯୁକ୍ତ ବ୍ରିଜ ମୋହନ ଅଗ୍ରୱାଲ , ଅନଗୁଳ ବିଧାୟକ ଶ୍ରୀ ଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ଯୁକ୍ତ ଅଗସ୍ତି ବେହେରା , ଅନୁଗୁଳ ପୌରପାଳିକା ର ଅଧ୍ୟକ୍ଷ ଶ୍ରୀ ଯୁକ୍ତ ଅକ୍ଷୟ କୁମାର ସାମନ୍ତ , କ୍ୟାଟ ର ଉପଦେଷ୍ଟା ଶ୍ରୀ ଯୁକ୍ତ ଜିତେନ୍ଦ୍ର ଗୁପ୍ତା ଓ ଶ୍ରୀ ଯୁକ୍ତ ସୁଦର୍ଶନ ଅଗ୍ରୱାଲ , ସ୍କ୍ରୀନିଂ କମିଟି ର ଚେୟାର ମ୍ୟାନ ଶ୍ରୀ ଯୁକ୍ତ ଆନନ୍ଦ ଅଗ୍ରୱାଲ ଯୋଗ ଦେଇଥିଲେ । ଏଥି ସହ ଅନୁଗୁଳ ଶ୍ରୀ ଗୋପାଳ ଗୋଶାଳା ଅଧ୍ୟକ୍ଷ ଶ୍ରୀ ଲଡ୍ଡୁ କେଶର ଅଗ୍ରୱାଲ ମାରୱାଡ଼ି ପଂଚାୟତ ଅଧ୍ୟକ୍ଷ ଶ୍ରୀ ରଞ୍ଜିତ ମାଣ୍ଡୋଠିଆ ଓ ଅନଗୁଳ ର ବିଭିନ୍ନ ସଂସ୍ଥା ର ଅଧ୍ୟକ୍ଷ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । କ୍ୟାଟ ର ଜାତୀୟ ଉପାଧ୍ୟକ୍ଷ ଶ୍ରୀ ଯୁକ୍ତ ବ୍ରିଜ ମୋହନ ଅଗ୍ରୱାଲ ନୂତନ ସଭାପତି ଶ୍ରୀ ଯୁକ୍ତ କମଲ ଅଗ୍ରୱାଲ ଙ୍କୁ ଶପଥ ପାଠ କରାଇ ଥିଲେ । ଏହା ପରେ ବିଦାୟ ସଭାପତି ଶ୍ରୀ ଯୁକ୍ତ ରମେଶ ଚନ୍ଦ୍ର ସାହା ନୂତନ ସଭାପତି ଙ୍କୁ ଦାଇତ୍ୱ ହସ୍ତାନ୍ତର କରିଥିଲେ । ଏହା ପରେ ନୂତନ ସଭାପତି ଶ୍ରୀ ଯୁକ୍ତ କମଲ ଅଗ୍ରୱାଲ ନବ ଗଠିତ ଟିମ ର ସମ୍ପାଦକ ଭାବେ ଶ୍ରୀ ଯୁକ୍ତ ରୋହିତ ଲିହାଳା , କୋଷାଧ୍ୟକ୍ଷ ଶ୍ରୀ ଯୁକ୍ତ ଅନିଲ ବଂସଲ , ଉପ ସଭାପତି ଆଶିଷ ଅଗ୍ରୱାଲ ଓ କୈଳାସ ଜିନ୍ଦଲ , ସହ ସମ୍ପାଦକ ସୁରଜ ମୋଦି , ସୂଚନା ଲୋକସମ୍ପର୍କ ଅଧିକାରୀ ଶ୍ରୀ ଯୁକ୍ତ ଜଗନ୍ନାଥ ଅଗ୍ରୱାଲ ସହ ନନ୍ଦୁ ଲାଲ ଅଗ୍ରୱାଲ , ଗୋପଲ ମୁନଦ୍ରା , ମହେଶ ଅଗ୍ରୱାଲ , ସଂଜୀବ ଜେନ ସତ୍ୟ ନାରାୟଣ ମାଣ୍ଡୋଠିଆ , ମନୋଜ ଅଗ୍ରୱାଲ , ଶ୍ରୀ ରାମ ମାଣ୍ଡୋଠିଆ , ଗୌରବ ଅଗ୍ରୱାଲ , ଦୀପକ ମହାନ୍ତି ଓ ଅନ୍ୟାନ୍ୟ ନୂତନ ସଦସ୍ୟ ମାନଙ୍କୁ ଶପଥ ପାଠ କରାଇଥିଲେ ।

ତାଳଗଛ କଟା ବନ୍ଦ ଯୋଗୁଁ ଗରିବ ଲୋକ ଅସୁବିଧାର ସମ୍ମୁଖୀନ

ଲଙ୍ଗଳେଶ୍ୱର ୧୪/୭(ରବିରଞ୍ଜନ ତ୍ରିପାଠୀ): ରାଜ୍ୟ ସରକାର ଏବେ ତାଳଗଛ କଟା ଉପରେ କଟକଣା ଲଗାଇ ଛନ୍ତି । ଜଙ୍ଗଲ ବିଭାଗର ବିନା ଅନୁମତିରେ ବ୍ୟକ୍ତିଗତ ଜାଗାରେ ଥିବା ତାଳ ଗଛକୁ କେହି କାଟି ପାରିବେ ନାହିଁ । ତାଳ ଗଛ ନ ଥିବା କାରଣରୁ କୁଆଡ଼େ ବଜ୍ରପାତ ଅଧିକ ହେଉଛି । ତାଳଗଛ ବଜ୍ରପାତ ନିରୋଧକ ଭାବେ କାର୍ଯ୍ୟ କରିଥାଏ ବୋଲି ଏକ ବୈଜ୍ଞାନିକ ସର୍ଭେରୁ ଜଣାପଡିଛି । ତେବେ ତାଳଗଛ କଟାକୁ ସରକାର ବନ୍ଦ୍ କରି ଦେଇଥିବାରୁ ଗରିବ ଲୋକଙ୍କ ମୁଣ୍ଡରେ ଏବେ ଚଢ଼କ ପଡ଼ିଛି । ପୂର୍ବରୁ ଗରିବ ଲୋକ ଏପରିକି ମଧ୍ୟବିତ ପରିବାରର ଲୋକମାନେ ସେମାନଙ୍କ ଘର ତିଆରି କାମରେ ତାଳଗଛ କୁ କାଟି ଲାଗାଉଥିଲେ । କମ୍‌ଖର୍ଚ୍ଚରେ ଏହା ହୋଇପାରୁଥିଲା । ପୂର୍ବରୁ ବାଲିଆପାଳ ବ୍ଲକ ଅଧୀନରେ ଥିବା ଗ୍ରାମାଂଚଳରେ ଉଭୟେ ସରକାରୀ ଓ ବେସରକାରୀ ଜାଗାରେ ବହୁ ମାତ୍ରାରେ ତାଳ ଗଛ ଥିଲା । ସର୍ବସାଧାରଣ ଅନୁଷ୍ଠାନ ପାଇଁ କର୍ମକର୍ତ୍ତାମାନେ ସରକାରୀ ଜାଗାରୁ ତାଳଗଛ କାଟି ସଫା କରିଦେଲେ । ଏବେ ଆଉ ସରକାରୀ ଜାଗାରେ କୌଣସି ତାଳ ଗଛ ଥିବା ଦେଖିବାକୁ ମିଳୁ ନାହିଁ । ଅନ୍ୟ ପକ୍ଷରେ ଗରିବ ଲୋକଟି ତାର ନିଜ ବାଡ଼ିରେ ଥିବା ତାଳ ଗଛ କାଟିବା ନେଇ ଜଙ୍ଗଲ ବିଭାଗରୁ ଅନୁମତି ଆଣିବା କେତେ କଷ୍ଟ କର ହେବ ତାହା ସହଜରେ ଅନୁମେୟ । ଗଛ କାଟିବା ନେଇ ସରକାର ତହସିଲଦାରଙ୍କୁ କ୍ଷମତା ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି । ସରକାରୀ ଜାଗାରେ ତାଳ ଚାରା ଅଧିକ ମାତ୍ରାରେ ରୋପଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ତାଳ ଜଙ୍ଗଲ ସୃଷ୍ଟି କରୁଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଜଙ୍ଗଲ ବିଭାଗ ପ୍ରତି ବର୍ଷ ପୁରସ୍କାର ପ୍ରଦାନ କରୁ ବୋଲି ମଧ୍ୟ ଦାବି ହୋଇଛି । ତାଳ ସଜ୍ ଓ ପାଚିଲା ତାଳ ଖୁବ୍ ସ୍ୱାଦିଷ୍ଟ ହୋଇ ଥିବାରୁ ତାଳ ଗଛ ରୋପଣ ନେଇ ଲୋକ ଙ୍କ ମଧ୍ୟ ରେ ଖୁବ୍ ଆଗ୍ରହ ଥିବା ଜଣା ପଡ଼ିଛି । ଏଥି ପାଇଁ ଆଗ୍ରହୀ ଲୋକଙ୍କୁ ସରକାର ମାଗଣା ରେ ଚାରା ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବିହୋଇଛି ।

ସ୍ୱର୍ଗତ ଶରତ କୁମାର ମିଶ୍ରଙ୍କ ଉନବିଂଶ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ଯୋଗ ଦେଲେ ଖଣି,ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ

ହିଞ୍ଜିଳିକାଟୁ ,୧୪/୦୭(ଓଡ଼ିଶା ଖବର) : ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ବୁରୁପଡା ସ୍ଥିତ ମାଁ ଶ୍ୟାମଳାଇ ମନ୍ଦିର ପରିସରରେ ସ୍ମୃତି କମିଟି ସଭାପତି ଶିଶିର ମିଶ୍ରଙ୍କ ନେତୃତ୍ୱରେ ସ୍ୱର୍ଗତ ଶରତ କୁମାର ମିଶ୍ରଙ୍କ ଉନବିଂଶ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମାଁ ଶ୍ୟାମଳାଇ ମନ୍ଦିର ପରିସରରେ ରକ୍ତଦାନ ଶିବିର ଆୟୋଜନ ସହ ଓଡ଼ିଶାର ଅର୍ଥନୀତି ଗଞ୍ଜାମର ଅବଦାନ ବିଷୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଆୟୋଜିତ ବୈଠକରେ ଓଡ଼ିଶା ସରକାର ଖଣି,ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୁତି ଭୁଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଶରତ କୁମାର ମିଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ।ପରେ ତାଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସଦଗତି କାମନା କରିଥିଲେ । ମୁଖ୍ୟ ଅତିଥି ତାଙ୍କ ମନ୍ତବ୍ୟରେ ସ୍ୱର୍ଗତ ମିଶ୍ର ଜଣେ ସରଳ ମେଳାପୀ ଓ ପରୋପକାରୀ ମଣିଷ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ , ସମ୍ମାନିତ ଅତିଥି ଭାବେ ସୋରଡା ବିଧାୟକ ନିଳମଣୀ ବିଷୋଇ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ଆଇନଜୀବି ନିର୍ମଳ କୁମାର ସାହୁ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।ଆଜିର ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ନଗର ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ମାଧବ ଗୌଡ଼ ପ୍ରମୁଖଙ୍କ ସମେତ ବିଜେପି ସଦସ୍ୟ ଓ କର୍ମୀ ଏବଂ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

କଲେଜରୁ ଏସି ଚୋରି ଘଟଣାର ଉପଯୁକ୍ତ ତଦନ୍ତ ପୂର୍ବକ ଦୋଷୀଙ୍କୁ ଦଣ୍ଡିତ ପାଇଁ ତଦନ୍ତକାରୀ ସଂସ୍ଥାକୁ ଦାବି

କେନ୍ଦ୍ରାପଡ଼ା,୧୪/୦୭(ଓଡ଼ିଶା ଖବର) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଆଲୁମିନି ବୈଠକ ସଭାପତି ପ୍ରାଧ୍ୟାପକ ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଆଜି କଲେଜ ମିନି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହାବିଦ୍ୟାଳୟରୁ ଏସି ଚୋରି ଘଟଣାର ଉପଯୁକ୍ତ ତଦନ୍ତ ପୂର୍ବକ ପ୍ରକୃତ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯିବା ପାଇଁ ତଦନ୍ତକାରୀ ସଂସ୍ଥା ନିକଟରେ ଦାବି କରାଯାଇଛି । ଆସନ୍ତା ଅଗଷ୍ଟମାସ ୨୫ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବିଧାୟକ, ସାଂସଦଙ୍କ ସମେତ ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ବଡଚଣା ବିଧାୟକ ଅମର କୁମାର ନାୟକଙ୍କୁ ଯୋଗଦେବାକୁ ନିବେଦନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି ।

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ କଳ୍କୀ ଅବତାରରେ ଦର୍ଶନ ଦେଲେ ମହାପ୍ରଭୁ

ନୀଳଗିରି, ୧୪/୦୬ (ପ୍ରଦୀପ୍ ପାତ୍ର) : ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଜନ୍ମ ବେଦୀରେ କଳ୍କୀ ଅବତାର ବେଶ ରେ ଦର୍ଶନ ଦେଉଛନ୍ତି ମହାପ୍ରଭୂ ଶ୍ରୀ ଜଗନ୍ନାଥ । ମାଉସୀ ମା ମନ୍ଦିର ପରିସର ଏକ ଭାବମୟ ଆଧ୍ୟାତ୍ମିକ ପରିବେଶ ରେ ଭରି ଉଠିଛି । ଶହ ଶହ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରି ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରୁଥିବା ଦେଖାଯାଇଛି ।ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇ ଥିବା ବେଳେ, ମହାପ୍ରଭୁଙ୍କ ପାଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାର ଦେଖିବାକୁ ମିଳିଥିଲା । ଭକ୍ତଗଣ ଦିନରେ ଆଡ଼ପ ଅଭଡ଼ା ଅତ୍ୟନ୍ତ ଆନନ୍ଦ ଓ ଶ୍ରଦ୍ଧା ର ସହ ଖାଉଛନ୍ତି ।

ନୀଳଗିରି ଅବକାରୀ ଓ ମୋବାଇଲ ସ୍କ୍ୱାର୍ଡ ଦ୍ୱାରା ମିଳିତ ଚଢାଉ, ୧୨କିଲୋ ୫୦୦ଗ୍ରାମ ଗଞ୍ଜେଇ ଜବତ

ନୀଳଗିରି, ୧୪/୦୬ (ପ୍ରଦୀପ୍ ପାତ୍ର) : ପ୍ରଦୀପ୍ ପାତ୍ର ନୀଳଗିରି ଅବକାରୀ ବିଭାଗ ଟିମ ଓ ମୋବାଇଲ ସ୍କ୍ୱାର୍ଡ ଦ୍ୱାରା ମିଳିତ ଚଢାଉ କରାଯାଇ ନୀଳଗିରି ଥାନା ଅଧୀନ ଏନଏସି ୨ ନମ୍ବର ଓ୍ୱାର୍ଡ ଘାଟଘରସାହି ର ସୁରେନ୍ଦ୍ର ପ୍ରଧାନ (୫୨)ଙ୍କ ଘରୁ ୧୨ କିଲୋ ୫୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୫ହଜାର ଟଙ୍କା ବୋଲି ବିଭାଗ ସୂଚନା ଦେଇଛି । ସୂଚନା ଅନୁଯାଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ୧୩ ତାରିଖ ବିଳମ୍ବିତ ରାତିରେ ମିଳିତ ଭାବରେ ଏହି ଚଢାଉ କରାଯାଇ ଅଭିଯୁକ୍ତ ସୁରେନ୍ଦ୍ରଙ୍କ ସହ ଗଞ୍ଜେଇ ଜବତ କରାଯାଇଥିଲା । ଅଭିଯୁକ୍ତକୁ ୧୦୮/୨୪-୨୫ ମୂଳେ ଏକ ମାମଲ୍ଲା ରୁଜୁ କରାଯାଇ କୋର୍ଟ ଚାଲଣ କରାଯାଇଛି । ଏହି ଚଢାଉରେ ମୋବାଇଲ ଇନ୍ସପେକ୍ଟର ସଞ୍ଜିତ ବାର୍ଲା, ଓଆଇସି ଜଗନ୍ନାଥ ବେହେରା, ଏ.ଏସ୍.ଆଇ. ଜୟମାଧବ ଦାସପଟ୍ଟନାୟକ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ନହନ ମୁର୍ମୁ ପ୍ରମୁଖ ସାମିଲ ଥିଲେ ।

କରୋନାରେ ଆକ୍ରାନ୍ତ ଅକ୍ଷୟ କୁମାର

ନୂଆଦିଲ୍ଲୀ, ୧୪/୦୭ : ଅକ୍ଷୟ କୁମାର ଏହା ପୂର୍ବ ୨୦୨୧ ଏପ୍ରିଲ ଓ ୨୦୨୨ ମେ’ ମାସରେ କରୋନା ଭାଇରସରେ ସଂକ୍ରମିତ ହୋଇଥିଲା । ଏପରି କି ତାଙ୍କୁ ପ୍ରଥମଥର କରୋନା ଭାଇରସ ଆଟାକ କରିବା ପରେ ସେ ହସ୍ପିଟାଲରେ ଭର୍ତି ହୋଇଥିଲେ । ବଲିଉଡ ଅଭିନେତା ଅକ୍ଷୟ କୁମାର କରୋନା ଭାଇରସରେ ସଂକ୍ରମିତ ହୋଇଛନ୍ତି । ଆଜି ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି । ରିପୋର୍ଟ ପଜିଟିଭ ଆସିବାରୁ ସେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତଙ୍କ ବାହାଘର ପାର୍ଟିରେ ଯୋଗ ଦେଇ ପାରି ନାହାନ୍ତି । ଦେଶରେ ମହାମାରୀ କରୋନା ଏଣ୍ଡେମିକ ସ୍ଥିତିରେ ଥିବା ବେଳେ ଅକ୍ଷୟ କୁମାରଙ୍କ ଭଳି ଜଣେ ଫିଟ ଲୋକ ଏଥିରେ ସଂକ୍ରମିତ ହେବା ସମସ୍ତଙ୍କୁ ଚିକିତ କରିଛି । ସେହିପରି ଅକ୍ଷୟ କୁମାର ତୃତୀୟ ଥର ପାଇଁ ଏହି ଭାଇରସରେ ଆକ୍ରାନ୍ତ ହୋଇଛନ୍ତି । ଅକ୍ଷୟ କୁମାର ବର୍ତମାନ ନିଜର ଫିଲ୍ମ ସରଫିରାର ପ୍ରମୋସନରେ ବ୍ୟସ୍ତ ରହିଥିଲେ । ଏହି ସମୟରେ ତାଙ୍କର ବିଭିନ୍ନ ପ୍ରକାରର କରୋନା ଲକ୍ଷଣ ସବୁ ଦେଖା ଯାଇଥିଲା । ଏଥିଯୋଗୁ ସେ ନିଜର ଟେଷ୍ଟ କରାଇଥିଲେ । ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିବାରୁ ସେ ନିଜ ଫିଲ୍ମର ପ୍ରମୋସନ ମଧ୍ୟ ବନ୍ଦ କରିଦେଇଛନ୍ତି । ଅକ୍ଷୟ କୁମାରଙ୍କ ସହ ତାଙ୍କ ପ୍ରମୋସନ ଟିମର ଏକାଧିକ ସଦସ୍ୟ କରୋନା ଭାଇରାସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଅକ୍ଷୟ କୁମାର ଏହା ପୂର୍ବ ୨୦୨୧ ଏପ୍ରିଲ ଓ ୨୦୨୨ ମେ’ ମାସରେ କରୋନା ଭାଇରସରେ ସଂକ୍ରମିତ ହୋଇଥିଲା । ଏପରି କି ତାଙ୍କୁ ପ୍ରଥମଥର କରୋନା ଭାଇରସ ଆଟାକ କରିବା ପରେ ସେ ହସ୍ପିଟାଲରେ ଭର୍ତି ହୋଇଥିଲେ । ୨୦୨୨ରେ ଅକ୍ଷୟ କୁମାର କରୋନାରେ ଆକ୍ରାନ୍ତ ହେବାରୁ କାନସ ଫିଲ୍ମ ଫେଷ୍ଟିଭାଲର ଇଣ୍ଡିଆ ପ୍ୟାଭିଲିୟନକୁ ଯାଇ ନଥିଲେ ।

ସୁରକ୍ଷାକର୍ମୀଙ୍କ ମିଳିତ ଟିମ ଉପରେ ଆକ୍ରମଣ, ଜଣେ ଯବାନ ସହିଦ

ମଣିପୁର, ୧୪/୦୭ : ପୁଣିଥରେ ଅଶାନ୍ତ ହୋଇଛି ମଣିପୁର । ଏଠାରେ ସୁରକ୍ଷାକର୍ମୀଙ୍କ ମିଳିତ ଟିମ ଉପରେ ଆକ୍ରମଣ କରିଛନ୍ତି ସନ୍ଦିଗ୍ଧ କୁକି ଆତଙ୍କବାଦୀ । ଆଜି ସକାଳ ୯.୪୦ରେ ମଣିପୁରର ଜିରିବାମ ଠାରେ ଏପରି ଘଟଣା ଘଟିଛି । ଏଥିରେ ଜଣେ ସିଆରପିଏଫ ଯବାନ ସହିଦ ହୋଇଥିବା ସ୍ଥାନୀୟ ପୁଲିସ୍‌ର ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ଆଜି ସକାଳେ ସିଆରପିଏଫର ୨୦ ବାଟାଲିୟନ ଓ ଜିରିବାମ ଜିଲ୍ଲା ପୁଲିସ୍‌ର ମିଳିତ ଟିମ ୧୩ ଜୁଲାଇରେ ଘଟିଥିବା ଗୁଳିମାଡ଼ ଘଟଣାରେ ସର୍ଚ୍ଚ ଅପରେସନ କରୁଥିଲେ । ଏହି ସମୟରେ ଜଙ୍ଗଲ ଓ ପାହାଡ଼ ଉପରେ ଲୁଚି ରହିଥିବା କୁକି ଆତଙ୍କବାଦୀମାନେ ସେମାନଙ୍କୁ ଘେରି ଯାଇ ଗୁଳିମାଡ଼ କରିଥିଲେ । ଏଥିରେ ଜଣେ ସିଆରପିଏଫ ଯବାନ ଓ ଜିରିବାମ ପୁଲିସ୍ ଷ୍ଟେସନର ଏସ୍ ?ଆଇ ଆହତ ହୋଇଥିଲେ । ଉଭୟଙ୍କୁ ହସ୍ପିଟାଲରେ ଭିର୍ତି କରାଯାଇଥିଲା । କିନ୍ତୁ ସିଆରପିଏଫ ଯବାନଙ୍କ ମୁଣ୍ଡରେ ଗୁଳି ବାଜି ଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏବେ ଏସ୍ ?ଆଇ ରୋମେଣ୍ଡ୍ରୋ ଏବେ ଜିରିବାମ ସ୍ଥିତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ମନ୍ଦିର ଭିତରେ ଅସୁସ୍ଥ ହୋଇପଡିଲେ ପୁରୀ ଏସ୍‌ପି ପିନାକ ମିଶ୍ର

ପୁରୀ, ୧୪/୦୬ (ସମୀର ରଞ୍ଜନ) : ଶେଷରେ ବହୁ ବାଦବିବାଦ ପରେ ଖୋଲିଛି ରତ୍ନ ଭଣ୍ଡାର । ପ୍ରଥମେ ଶ୍ରୀଲୋକନାଥଙ୍କ ନିକଟରେ କରାଯାଇଥିଲା ପୂଜାପାଠ । ଏହାପରେ ମା ବିମଳା ଏବଂ ମା ଲକ୍ଷ୍ମୀଙ୍କ ନିକଟରୁ ଅନୁମତି ଆସିବା ପରେ ବାହାର ରତ୍ନ ଭଣ୍ଡାର ଖୋଲାଯାଇଛି । ଏହା ନିର୍ଦ୍ଧାରିତ ସମୟ ୧ ଟା ୨୮ ମିନଟରେ ଖୋଲିବା ପରେ ବାହାର ରତ୍ନ ଭଣ୍ଡାରକୁ ତଦାରଖ କରିଛନ୍ତି କମିଟ । ରତ୍ନ ଭଣ୍ଡାର ଖୋଲିବା ସମୟ ଏକ ଅଘଟଣ ତାହା ହେଲା ଯେ, ରତ୍ନ ଭଣ୍ଡାର ଖୋଲିବା ପରେ ସେଠାରେ ଅସୁସ୍ଥ ହୋଇପଡିଲେ ପୁରୀ ଏସପି ପିନାକ ମିଶ୍ର । ସେ ଶ୍ୱାସ ପ୍ରଶ୍ୱା, ନେବାରେ କଷ୍ଟ ଅନୁଭବ କଲେ । ଫଳରେ ସେ ସେଠାରେ ବସି ପଡିଥିଲେ । ଏହାପରେ ସେଠାରେ ଉପସ୍ଥିତ ଥିବା ଡାକ୍ତର ସି ବି କେ ମହାନ୍ତି ତାଙ୍କର ଚିକିତ୍ସା କରିଥିବାର ସୂଚନା ମିଳିଥିଲା କ୍ଷତେବେ ଏସପି ପିନାକ ମିଶ୍ର ବାହାରକୁ ଆସି ଏହି ଖବରକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ, ସେମିତି କିଛି ଘଟି ନାହିଁ । ମୁଁ ଆପଣମାନଙ୍କ ସମ୍ମୁଖରେ ଛିଡା ହୋଇଛି । ଯାହା କୁହାଯାଉଛି ତାହା ମିଛ କଥା ବୋଲି ଖୋଦ ପିନାକ ମିଶ୍ର କହିଛନ୍ତି ।

ମେଡିକାଲ କଲେଜ ନ ହେଲେ ରାଜ ରାସ୍ତାକୁ ଓହ୍ଲାଇବୁ ବୋଲି କ୍ରିୟାନୁଷ୍ଠାନ କମିଟିର ଚେତାବନୀ

କେନ୍ଦ୍ରାପଡ଼ା, ୧୪/୦୬ (ଭିମସେନ୍) : କେନ୍ଦ୍ରାପଡା ଜିଲ୍ଲାରେ ଆଜି କୁ ୩ ବର୍ଷହେଲା କେନ୍ଦ୍ରାପଡ଼ା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଲଗାତାର ଭାବେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରଖୁଛି,ଧାରଣା, ଧର୍ମଘଟ ଓ ଅନଶନ ପରେ ମଧ୍ୟ ବିଜେଡି ସରକାର ଅମଳରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ପାରିଲା ନାହିଁ, କେନ୍ଦ୍ରାପଡ଼ାବାସୀଙ୍କୁ ଭୂଆଁ ବୁଲାଇବା ପାଇଁ ମହାକାଳପଡ଼ାରେ ଶିକ୍ଷ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଏବେ ପାଣିରେ ଗାର ସଦୃଶ ହୋଇଛି । ବୋଲି ମହାକାଳପଡ଼ା ର ସମାଜ ସେବୀ ଭିମସେନ୍ ସେଠି କହିଛନ୍ତି ଆହୁରି ମଧ୍ୟ କହିଛନ୍ତି ରାଜ୍ୟରେ ବିଜେପି ସରକାର ଗାଦିକୁ ଆସିବା ପରେ କେନ୍ଦ୍ରାପଡ଼ା ଜିଲା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପୁନର୍ବାର ଉଦ୍ୟମ ଆରମ୍ଭ କରାଯାଇଛି ଏନେଇ ଶନିବାର କେନ୍ଦ୍ରାପଡା ଜିଲ୍ଲା ପବ୍ଲିକ ରିଡିଂ ରୁମ ପରିସରରେ କମିଟି ସଭାପତି ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପଦେଷ୍ଟା ପ୍ରାଧାପକ ନନ୍ଦକିଶୋର ପରିଡ଼ା, ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ କୋଷାଧ୍ୟକ୍ଷ ଫକୀରଖଟୁଆ, ରାଜ କୁମାର ବିଶ୍ୱାଳ, ଆଦିକନ୍ଦ ରାଉଳ, ନରୋତମ ପାର୍ଥସାରଥୀ, ମୁକ୍ତାର ଖାନ, ଡ.ଦିଲୀପ ମିଶ୍ର ପ୍ରମୁଖ ଜିଲାବାସୀଙ୍କଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସାକ୍ଷାତ କରିଦାବି ଜଣାଇବା ସଙ୍ଗେ ସଙ୍ଗେ ଜିଲାର ଅସୁବିଧା ସମ୍ପର୍କରେଆଲୋଚନା କରିବାକୁ ସ୍ଥିର କରାଯାଇଛି ଦାବି ପୂରଣ ନ ହେଲେ କେନ୍ଦ୍ରାପଡା ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବ ନାହିଁ ବୋଲି ଏହି ଆଲୋଚନା ସମୟରେ ବକ୍ତାମାନେ ମତବ୍ୟକ୍ତକରିଥିଲେ କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଶଙ୍କର ରାୟ ବୈଷ୍ଣବ ସ୍ୱାଇଁଶରତ ରାଉତ, ସୁରେଶ ପଟ୍ଟନାୟକ, ଚିତ ରଞ୍ଜନ ସାହୁ, ନିରଞ୍ଜନ ପରିଡା, ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତାପ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ପିଟିଏସ୍ ଅଧ୍ୟକ୍ଷ ଭବେଶ ନାୟକଙ୍କୁ ଗୃହମନ୍ତ୍ରୀ ପଦକ ସମ୍ମାନ

ବସ୍ତା, ୧୪/୦୬ (ଓଡ଼ିଶା ଖବର) : କେନ୍ଦ୍ର ଗୃହମନ୍ତ୍ରୀଙ୍କ ପକ୍ଷରୁ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ)ଅଧ୍ୟକ୍ଷ ତଥା ବାଲେଶ୍ୱର ଜିଲା ରୂପସା ଥାନା କସିପଦା ପଂଚାୟତ ଅନ୍ତର୍ଗତ କାଦମୌଦା ଗ୍ରାମର ବାପା ଲମ୍ବୋଦର ନାୟକ ଓ ମାଆ ପ୍ରଭାମୟୀ ନାୟକଙ୍କ ବଡ ପୁଅ ଭବେଶ କୁମାର ନାୟକଙ୍କୁ ‘ପୋଲିସ ପ୍ରଶିକ୍ଷଣ ଉତ୍କୃଷ୍ଟତା କେନ୍ଦ୍ରୀୟ ଗୃହମନ୍ତ୍ରୀ ପଦକ’ ସମ୍ମାନ ପ୍ରଦାନ କରାଯାଇଛି । ପୋଲିସ ତାଲିମ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଗୃହମନ୍ତ୍ରୀଙ୍କ ପଦକ ଓ ମାନପତ୍ର ଦିଆଯାଇଛି । ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଶନିବାର ଦ୍ୱିତୀୟ ବ୍ୟାଚ ସଶସ୍ତ୍ର ସହ ଆରକ୍ଷୀ ଅଧିକ୍ଷକ ଓ ନିରୀକ୍ଷକମାନଙ୍କ ଦୀକ୍ଷାନ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଓଡିଶା ପୋଲିସ ମହାନିର୍ଦ୍ଦେଶକ (ଟ୍ରେନିଂ) ସାଇନି ଏସ. ଏଥିରେ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ଉତ୍ସବରେ ଉପସ୍ଥିତ ଥିଲେ । ଶ୍ରୀ ନାୟକ ୨୦୨୦ ମସିହାରୁ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଛନ୍ତି । ଏହି ପ୍ରଶିକ୍ଷଣ ଅନୁଷ୍ଠାନରେ ଏଏସଆଇ, ହାବିଲଦାର ଓ କନଷ୍ଟେବଳମାନଙ୍କୁ ତାଲିମ ଦିଆଯାଇଥାଏ । ଏହି ସମ୍ମାନର ଅଧିକାରୀ ହୋଇ ସେ ରୂପସା ଅଂଚଳ, ବାଲେଶ୍ୱର ଜିଲା ସମେତ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ସମ୍ମାନ ତାଙ୍କୁ ଅଧିକ ପ୍ରେରଣା ଓ ଉତ୍ସାହିତ କରିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘ ବାଲିଆ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ରେମୁଣା, ୧୪/୦୬ (ଓଡ଼ିଶା ଖବର) : ରେମୁଣା ବ୍ଲକ ବାଲିଆ ସ୍ଥିତ ଦକ୍ଷିଣେଶ୍ୱର କାଳୀ ମନ୍ଦିର କମିଟି ଓ ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘ ପକ୍ଷରୁ ଚରା ଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରଫେସର ପ୍ରଦ୍ୟୁତ ରଞ୍ଜନ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ । ସଂଘର ନିଷ୍ପତି କ୍ରମେ ବାଲିଆ ରାଧାକୃଷ୍ଣ ମନ୍ଦିର ତଥା ଶ୍ୟାମା କାଳୀ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ନଡ଼ିଆ,ପିଜୁଳି,ସପେଟା,ବଉଳ, ଦେବଦାରୁ ଆଦି ଚାରା ଗଛ ରୋପଣ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରଥମେ ଗଛ ରୋପଣ କରି ଉଦଘାଟନ କରିଥିଲେ ।ବାଲିଆ ସରପଂଚ ନିତାଇ ଚରଣ ନାୟକ ସହଯୋଗ କରିଥିଲେ । ବାଲିଆ ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘ ସମେତ ବାଲିଆ ମନ୍ଦିର କମିଟି ତଥା ଗ୍ରାମ୍ୟ କମିଟିର ମୁଖ୍ୟ ବ୍ୟକ୍ତି ସମୂହ ଯଥା; ତ୍ରିଦେବ ନାୟକ,ମନ୍ମଥ କୁମାର ଘଡ଼େଇ,ପରିଣିତା ମିଶ୍ର,ଯୋଗେଶ ଚନ୍ଦ୍ର ପ୍ରଧାନ,ଆଲୋକ କୁମାର ମହାନ୍ତି,ସୁକୁମାର ଦାସ,କୃଷ୍ଣ ଚନ୍ଦ୍ର ସାହା,ଦିଲ୍ଲୀପ ନାୟକ,ଗୌରାଙ୍ଗ ବେହେରା,ବସନ୍ତ କର,ଆଲୋକ କୁମାର ମହାନ୍ତି,ବିନୟ କୁମାର ପଡିଆରି,ରତିକାନ୍ତ ରାଉତ ଆଦି ସହଯୋଗ କରିଥିଲେ ।ସଂଘର ସମ୍ପାଦକ ରମେଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ । ସେହିପରି ଶାସଙ୍ଗ ପଂଚାୟତର ସରପଂଚ ପ୍ରଫୁଲ୍ଲ ଦିବେଦୀଙ୍କ ନେତୃତ୍ୱରେ ଅନ୍ତରା ପଡିଆ ଠାରେ ଶାଗୁଆନ,ପଟାସ, ଆକାଶି,କୃଷ୍ଣଚୁଡା,ଆମ୍ବ,ପିଜୁଳି ପରି ଶତାଧିକ ଗଛ ରୋପଣ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଦାସ ଯୋଗ ଦେଇଥିବାବେଳେ, ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ସୁନି ସୋରେନ,ଭାସ୍କର ମଲ୍ଲିକ,ଶଶିକାନ୍ତ ଦାସ,ଶରତ ବାରିକ,କମଳାକାନ୍ତ ମଲ୍ଲିକ,ନରେନ୍ଦ୍ର ସେଠୀ, ବୁଦ୍ଧିରାମ ଜେନା,ରାଜକିଶୋର ମହାନ୍ତି,ରମେଶ ଚନ୍ଦ୍ର ମଲ୍ଲିକ ଏବଂ ନାରୀନେତ୍ରୀ ଶୋଭନା ମହାନ୍ତି ପ୍ରମୁଖ ଚାରା ରୋପଣରେ ସହଯୋଗ କରିଥିଲେ ।

ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ଶତାଧିକ ଏକର ଗୋଚର ଜମି ଜବରଦଖଲରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କେବେ ?

କେନ୍ଦ୍ରାପଡ଼ା, ୧୪/୦୬ (ଭିମସେନ୍) : କେନ୍ଦ୍ରାପଡା ଜିଲ୍ଲାରେ ୨୦୧୫ ଅଗଷ୍ଟ ୮ ତାରିଖରେ ସାରଥୀ ବାବା କ୍ରାଇମବ୍ରାଂଚ ପୁଲିସ ଦ୍ୱାରା ଗିରଫ ହେବା ପରେ ବାବାଙ୍କ ଆଶ୍ରମରେ ବହୁ ସରକାରୀ ଜମି ଜବରଦଖଲରେ ଥିବା ଓ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ରେ ଶତାଧିକ ରିଫୁ୍ୟଜୁ ବଙ୍ଗାଳି, ମାନେ ଜବରଦଖଲ କରି ରଖିଥିବା ସରକାରୀ ଜମି ପାଇଁ କେନ୍ଦ୍ରାଂଚଳ ରାଜସ୍ୱ ଆୟୋଗଙ୍କ ନିକଟରେ ଅଭିଯୋଗ ହୋଇଥିଲା, ସେହିଅଭିଯୋଗକୁ ଆଧାର କେନ୍ଦ୍ରାପଡ଼ା ଜିଲାରେ ଆତ୍ମଘୋଷିତ ବାବାମାତା ୧ ଏକରରୁ ୬ ଏକର ପର୍ଯ୍ୟନ୍ତ ଗୋଚର ଜମି ଜବରଦଖଲ କରିଥିବା ତଦନ୍ତରୁ ଜଣାପଡ଼ିଥିଲା । ସେମାନଙ୍କ ଦ୍ୱାରା ଗଢି ଉଠିଥିବା ମଠ ମନ୍ଦିର କିମ୍ବା ଆଶ୍ରମ ଓ ବଙ୍ଗାଳି ମାନଙ୍କ ସରକାରୀ ଜମି ଗୁଡିକୁ କରିଉଚ୍ଛେଦ କରାଯାଇ ସେହିସବୁ ସରକାରୀ ଜମିକୁ ସରକାରୀ ଖାତାକୁ ଆଣିବା ପାଇଁ ତତ୍କାଳୀନ କେନ୍ଦ୍ରାଂଚଳ ରାଜସ୍ୱ ଆୟୋଗ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ସେହି ନିର୍ଦ୍ଦେଶ ଅନୁସାରେ କେନ୍ଦ୍ରାପଡା ଜିଲା ତହସିଲ ଓ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ,ଅଧୀନରେ ଆତ୍ମଘୋଷିତ ବାବାମାତାମାନେ ଓ ଶହଶହ ବଙ୍ଗାଳି ,ଶହଶହ ଏକର ଗୋଚର ଜମି ମାଡିବସି ତା ଉପରେ ମଠ ମନ୍ଦିର ଆଶ୍ରମ ଓ ଘର ଗଢିଥିବା ଜଣାପଡ଼ିଥିଲା । ତଦନ୍ତରୁ ସେଥିମଧ୍ୟରୁ କେନ୍ଦ୍ରାପଡ଼ା ତହସିଲରେ ୫୬ ମଠ ମନ୍ଦିର ଓ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ରେ ୩୦ମଠ ମନ୍ଦିର ଓ ଆଶ୍ରମ ଚିହ୍ନଟ କରାଯାଇଥିଲା, କେନ୍ଦ୍ରାପଡ଼ା ତହସିଲ ଓ ମହାକାଳପଡ଼ା ତହସିଲରେ ଥିବା ମଠ ମନ୍ଦିର ଓ ଆଶ୍ରମଗୁଡିକ ଉଚ୍ଛେଦ କରି ସେହି ଅନାବାଦୀ ଓ ସରକାରୀ ଜମି କୁ ବଙ୍ଗାଳି ମାଡି ବସିଥିବା ଅନାବାଦୀ ଓ ଗୋଚର ଜମିକୁ ସରକାରୀ ଖାତାକୁ ଆଣିବା ପାଇଁ କେନ୍ଦ୍ରାପଡ଼ା ଜିଲାପାଳ କେନ୍ଦ୍ରାପଡ଼ା ତହସିଲଦାର ଓ ମହାକାଳପଡ଼ା ତହସିଲଦାର ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୫ରେ ଦାୟିତ୍ୱରେ ଥିବା କେନ୍ଦ୍ରାପଡା ଓ ମହାକାଳପଡ଼ା ତହସିଲଦାର ତାଙ୍କ ତହସିଲରେ ଚିହ୍ନଟ ହୋଇଥିବା ୮୦ ମଠ ମନ୍ଦିରକୁ ୨୦୧୫ ଅକ୍ଟୋବର ୮ରୁ ଡିସେମ୍ବର ୧୯ ତାରିଖ ସୁଦ୍ଧା ବୁଲଡୋଜର ଲଗାଇ ଭାଙ୍ଗି ସେସବୁ ସରକାରୀ ଜମିକୁ ସରକାରୀ ଖାତାକୁ ଆଣିଥିବା କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳଙ୍କ ଜରିଆରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୋଗଙ୍କୁ ଏକ ସ୍ୱତନ୍ତ୍ର ଚିଠି କରି ୨୦୧୬ ଫେବୃୟାରୀରେ ଅବଗତ କରିଥିଲେ । ପରେ ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ, କେନ୍ଦ୍ରାପଡା ତହସିଲ ଓ ମହାକାଳପଡ଼ା ତହସିଲ ଅଂଚଳରେ ଜବରଦଖଲରେ ଥିବା ୮୦ଟି ମଠମନ୍ଦିର ଏବଂ ଆଶ୍ରମ ମଧ୍ୟରୁ କୌଣସି ଗୋଟିଏ ସୁଦ୍ଧା ଉଚ୍ଛେଦ କରା ନ ଯାଇ ସେହିସବୁ ମଠମନ୍ଦିର ଆଶ୍ରମ ବିରୋଧରେ ଥିବା ଜବରଦଖଲ ମାମଲାଗୁଡିକୁ କେବଳ କାଗଜପତ୍ରରେ ଫଇସଲା କରି ଲକ୍ଷ ଲକ୍ଷ ଟଙ୍କା ଆୟ କରାଯାଇଥିଲା । ସେଥିମଧ୍ୟରୁ ମହାକାଳପଡ଼ା ଓ କେନ୍ଦ୍ରାପଡା ତହସିଲ ଅଂଚଳ ରୁ ଗୋଟିଏ ସୁଦ୍ଧା ମଠମନ୍ଦିର କିମ୍ବା ଆଶ୍ରମ ଜମିକୁ ସରକାରୀ ଖାତାକୁ ଅଣାଯାଇ ନ ଥିଲା ,ଏ ସମ୍ପର୍କରେ ବୁଦ୍ଧିଜୀବୀଙ୍କ ପକ୍ଷରୁ ୨୦୧୯ ରୁ ଆଜିପର୍ଯ୍ୟନ୍ତ ଜିଲା ପ୍ରଶାସନକୁ ଯେତେ ଅଭିଯୋଗପତ୍ର ଦିଆଯାଉଛି । ସେଗୁଡିକ ତହସିଲଦାରଙ୍କ ପାଖକୁ ଦିଆଯାଉଛି । ହେଲେ ତହସିଲଦାରମାନେ, ମହାକାଳପଡ଼ା ତହସିଲଦାର ଓ କେନ୍ଦ୍ରାପଡା ତହସିଲଦାର ଅଭିଯୋଗଗୁଡିକର ତଦନ୍ତ ନ କରି ଅଭିଯୋଗପତ୍ର ଗୁଡିକୁ ଭଲ ଦାମୀ ବରଫ ଦେଇ ଶୀତଳ ଭଣ୍ଡାରରେ ରଖୁଦେଇଛନ୍ତି, କେନ୍ଦ୍ରାପଡା ଜିଲ୍ଲାର ନୂତନଜିଲାପାଳ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହିସବୁ ସରକାରୀ ଗୋଚରଜମିକୁ ମଠ, ମନ୍ଦିର, ଆଶ୍ରମ କିମ୍ବା ବେଆଇନ ଜବରଦଖଲକାରୀଙ୍କ ଠାରୁ ଉଦ୍ଧାର କରିବା ପାଇଁ, ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ର ସମାଜ ସେବୀ ଭିମସେନ୍ ସେଠି ଓ ହଜାର ହଜାର ସାଧାରଣ ଜନତା ଦାବି କରିଛନ୍ତି ।

ଓଡ଼ିଶା ଖବର
ଆପଣଙ୍କ ସ୍ୱର ଆମ ଦାୟିତ୍ୱ

* ଆମେ ସମସ୍ତ ଲେଖକ ମନଙ୍କୁ ଅଭିନନ୍ଦନ ଜଣାଉଛୁ ଓଡ଼ିଶା ଖବର ରେ ନିଜ ଲେଖା ପ୍ରକାଶ ପଠାଇବା ପାଇଁ। କୌଣସି କାରଣ ବଶତ ଯଦି ଆପଣଙ୍କ ଲେଖା ଯାଇଥିବା ସମ୍ପାଦନା ବିବାଦ ଘେରା ର ସମ୍ମୁଖୀନ ହେଲା କିମ୍ବା ନ୍ୟାୟପାଳିକା ର ସମ୍ମୁଖୀନ ହୋଇବ ତାହା ନିମନ୍ତେ ଓଡିଶା ଖବର ଦାୟୀ ନହେ ।

ସମ୍ପାଦକୀୟ

ଭାଗ୍ୟ

ଗୋବିନ୍ଦର ସଂସାର ଜଞ୍ଜାଳରେ ପୂର୍ଣ୍ଣ । ବାପାଙ୍କର ଦେହଖରାପ । ବଡ ଡାକ୍ତର ଆଣିବାକୁ ହେବ । ମା'ର ସର୍ବଦା ରେଶମୀ ଶାଢ଼ି ପିନ୍ଧିବାରେ ଇଚ୍ଛା । ଦୁଇ ଭଉଣୀଙ୍କର ବିବାହ ଦେବାକୁ ହେବ । ଘର ଭାଙ୍ଗିରୁଜି ଗଲାଣି । ଘରପାଇଁ କିଛି କିଛି କାମ ମଧ୍ୟ କରିବାକୁ ହେବ । ଏତେଗୁଡିଏ କାମ ଠିକ୍ ଭାବରେ କରିବାକୁ ହେଲେ ଅନେକ ଟଙ୍କା ତ ଦରକାର । ହେଲେ ତା'ପାଖରେ ତ ଆଦୌ ଧନ ନାହିଁ । ତା'ର ବିବେକ, ବିଚାର ଓ ବୁଦ୍ଧି ହୁଏତ ଥାଇପାରେ । କିନ୍ତୁ ସାଂସାରିକ ବୁଦ୍ଧି ଯେ ଆଦୌ ନାହିଁ । ବିଚାରବନ୍ତ ଲୋକର ବୁଦ୍ଧି ଦ୍ୱାରା ଅନ୍ୟମାନେ ଲାଭବାନ୍ ହୁଅନ୍ତି; କିନ୍ତୁ ନିଜକ୍ଷେତ୍ରରେ କିଛି ହୁଏ ନାହିଁ । ତା'ର ବନ୍ଧୁମାନେ ତାକୁ କୁହନ୍ତି ଯେ ସେ ଯେପରି ହେଉ ପଛେ ଧନୀ ହେବା ଦରକାର । କିନ୍ତୁ ତା'ର ବାପା କୁହନ୍ତି, "ପୁଅ, ଅବସ୍ଥା ଯାହାହେଲେ ମଧ୍ୟ, ସାଧୁତା କେବେବି ହରାଇବୁ ନାହିଁ । ଭଲ ମଣିଷ ହେବାରେହିଁ ସମସ୍ତ ଆନନ୍ଦ ଥାଏ ।" ପରିବାର ସମ୍ଭାଳିବା ତା'ପାଇଁ କଷ୍ଟକର ହୋଇ ଉଠିଲା । ଦିନେ ଗ୍ରାମ ଛାଡି ଚାକିରୀ ପାଇଁ ସହରକୁ ସେ ଯାଉଥାଏ । ବାଟରେ ଜଙ୍ଗଲ ପଡେ । ସେ ଚାଲି ଚାଲି ଥକି ଗଲାରୁ ଗୋଟିଏ ଗଛ ମୂଳରେ ଯାଇ ବିଶ୍ରାମ କଲା । ସେହି ଗଛରେ ବହୁଦିନରୁ ଭୂତଟିଏ ରହିଥାଏ । ତା'ର କେହି ସାଙ୍ଗସାଥୀ ନଥିବାରୁ ସେ ଏକୁଟିଆ ଥାଏ । ଗୋବିନ୍ଦକୁ ଦେଖି ସେ ତଳକୁ କୁଦି ପଡିଲା । ଗୋବିନ୍ଦ ଛାନିଆ ହୋଇ ଯିବାରୁ ସେ କହିଲା, "ମୋ ସହିତ କଥା କୁହ; କଥା କହି ମୋର ମନ ଖୁସି କର । ତୁମର ସହର ଯିବାର କୌଣସି ଆବଶ୍ୟକତା ନାହିଁ । ତୁମେ ଯେତେ ଧନ ଚାହିଁବ ମୁଁ ଦେବି ।" ଗୋବିନ୍ଦ ତା'ମନରେ ସାହସ ବାନ୍ଧିଲା ଓ ଜଣେ ମହାଚୋରର କାହାଣୀ ତାକୁ ଶୁଣାଇଲା । ଭୂତ ବହୁତ ଆନନ୍ଦିତ ହେଲା । ଭୂତ କହିଲା, "ତୁମେ ଏଇଠି ରୁହ । ମୋର ସାଥୀ ହୋଇ ରହିବ । ବଡ ସୁନ୍ଦର କାହାଣୀଟିଏ ଶୁଣାଇଲ । ମୋତେ ବହୁତ ଭଲ ଲାଗିଲା ।" ଗୋବିନ୍ଦ କହିଲା, "ମୁଁ ଅବଶ୍ୟ ତୁମ ସହିତ ରହନ୍ତି । କିନ୍ତୁ ମୋର ସାଂସାରିକ ଦାଇତ୍ୱ ସବୁ ରହିଛି । କ'ଣ କରିବି ?" ସୁନା ମୋହର ପୂର୍ଣ୍ଣ ଥଳୀଟିଏ ଭୂତ ଦେଇ କହିଲା, "ଯାଅ ନିଜର ସବୁ ଦାଇତ୍ୱ ପୂର୍ଣ୍ଣ କରିସାରି ପୁଣି ଏଠାକୁ ଫେରି ଆସିବ । ତୁମ ବ୍ୟତୀତ ମୋତେ ଏଠାରେ ଏକେଲା ଲାଗିବ ।" ଗୋବିନ୍ଦ ଘରକୁ ଫେରିଲା । ବାପାଙ୍କର ଚିକିତ୍ସା କରାଇଲା । ମା' ପାଇଁ ରେଶମୀ ଶାଢୀ କିଣିଲା । ଭଙ୍ଗାଘର ମରାମତି କରାଗଲା । ତିନି ଏକର ଜମି ମଧ୍ୟ ସେ କିଣିଲା । ଏସବୁ କରିବା ପରେ ତା'ର ଭୂତ କଥା ମନେ ପଡିଲା । ସେ ଦିନେ ଜଙ୍ଗଲକୁ ଗଲା । ସେ ସେଠାରେ ଗୋଟାଏ ସପ୍ତାହ ରହିଲା ଓ ଭୂତକୁ ବହୁ ରାଜାରାଣୀଙ୍କର ମନୋହର କାହାଣୀ ଶୁଣାଇଲା । ସେ ଯେତେଦିନ ସେଠାରେ ରହିଲା ଭୂତ ଭାରି ଖୁସି ଥାଏ । ସେ ଯେତେବେଳେ ଘରକୁ ଯିବାକୁ ବାହାରିଲା, ଭୂତ ଦୁଃଖି ହୋଇ କହିଲା, "ତୁମେ କ'ଣ ସବୁଦିନ ପାଇଁ ମୋ ପାଖରେ ରହି ପାରିବ ନାହିଁ ?" ଗୋବିନ୍ଦ କହିଲା, "ଭଉଣୀମାନଙ୍କର ବିବାହ କରାଇବି । ବାପାମା'ଙ୍କର ସେବା କରିବି । ତୁମ ପାଖକୁ ଯିବା ଆସିବା ମଧ୍ୟ କରୁଥିବି । କିନ୍ତୁ ମୁଁ ଏଠାରେ ସଦାବେଳେ କିପରି ରହି ପାରିବି, ତାହା ତୁମେହିଁ କୁହ ?" ଏଥର ଭୂତ ବହୁତ ସୁନା ମୋହର ଗୋବିନ୍ଦକୁ ଦେଇ କହିଲା, "ଏଥର ଯାଅ ଓ ଶୀଘ୍ର ଫେରି ଆସ ।" ଗୋବିନ୍ଦ ଘରକୁ ଗଲା । ପୁଣି ଜମିବାଡି କିଣିଲା । ଭଉଣୀମାନଙ୍କୁ ବିବାହ ଦେଲା । ମା'ବାପାଙ୍କର ସେବା କରୁଥାଏ । ସେମାନେ ଖୁସି ହେବାରୁ ସେ ନିଜେ ମଧ୍ୟ ଖୁସି ହେଲା । କେବଳ ବାକି ରହିଲା ଭୂତର ଇଚ୍ଛା କିପରି ପୂର୍ଣ୍ଣ ହେବ । ଗୋବିନ୍ଦ ଭାବିଲା, "ଏବେ ବାପାମା'ଙ୍କୁ ଦେଖିବାକୁ ଲୋକ ଅଛନ୍ତି । ଭଉଣୀମାନେ ବି ବାହା ହୋଇ ଗଲେଣି । କିନ୍ତୁ ଏସବୁ ପାଇଁ ଯିଏ ଧନ ଦେଇଛି, ତାକୁ ତ ପୁଣି ସନ୍ତୁଷ୍ଟ କରିବାକୁ ହେବ । ତା'ପାଇଁ ଲୋକାଳୟରେ ରହିବା ବଡ କଷ୍ଟ । ତେଣୁ ଗୋଟିଏ ମାତ୍ର ଉପାୟ ଯେ ମୁଁ ଭୂତ ହୋଇଗଲେ ହେବ ଏବଂ ସେଥିପାଇଁ ଆତ୍ମହତ୍ୟା ଆବଶ୍ୟକ ।" ମନେମନେ ସେ ସ୍ଥିର କଲା ଯେ ପାହାଡ ଉପରକୁ ଯାଇ କୁଦିପଡି ଆତ୍ମହତ୍ୟା କରିବ । ସେ ଘରୁ ବାହାରି ପଡିଲା । ସେଠାରେ ପହଁଚି ସେ ଦେଖିଲା ଜଣେ ସୁନ୍ଦରୀ ଝିଅ ଠିଆ ହୋଇଛି । ସେ ଝିଅଟିର ନାମ ସରଳା । ପିଲାଦିନୁ ତାର ମା' ମରିଯିବାରୁ ବାପା ଓ ସାବତମା'ଙ୍କ ଦାଉରୁ ନିଜକୁ ରକ୍ଷା କରିବାକୁ ଆସିଛି । ଏବେ ତା'ର ସାବତ ମା' ଜଣେ ବୃଦ୍ଧ ରୋଗୀ ସହିତ ତାକୁ ବାହାଦେବାକୁ ବସିଥାଏ । ବାପା ମଧ୍ୟ ଏପରି ପରିସ୍ଥିତିରେ ଚୁପ୍ ହୋଇ ବସିଛନ୍ତି । ତେଣୁ ସବୁଥିରୁ ମୁକ୍ତି ପାଇବାକୁ ସେ ମଧ୍ୟ ଆତ୍ମହତ୍ୟା କରିବାକୁ ଆସିଥାଏ । ଦୁହେଁ ନିଜ ନିଜର ଜୀବନକଥା ପରସ୍ପରକୁ କହିଲେ; ସରଳା କହିଲା, "ତୁମେ ବହୁତ ଭଲ ମଣିଷ । ନହେଲେ ଭୂତକୁ ଖୁସି କରିବା ପାଇଁ ଆତ୍ମହତ୍ୟା କରିବାକୁ ଆସିଥାନ୍ତ ! ବରଂ ଚାଲ ଆମେ ଆତ୍ମହତ୍ୟା ନକରି ପରସ୍ପରକୁ ସାହାଯ୍ୟ କରିବା ।" ଗୋବିନ୍ଦ କହିଲା – "ତୁମର ସବୁକିଛି ମୋତେ ଭଲ ଲାଗୁଛି । କିନ୍ତୁ ଭୂତ ପ୍ରତି ମୋର କର୍ତବ୍ୟ ଯୋଗୁଁ ମୁଁ ଆତ୍ମହତ୍ୟା ବନ୍ଦ କରିପାରିବି ନାହିଁ ।" ସରଳା ବହୁତ ଭାବିବା ପରେ କହିଲା, "ଦେଖ, ତୁମେ ଜଣେ ପୁଣ୍ୟାତ୍ମା । ତୁମେ ମରିଗଲେ ତ ଆଉ ଭୂତ ହୋଇ ପାରିବ ନାହିଁ । ସିଧା ସ୍ୱର୍ଗକୁ ଚାଲିଯିବ । ତେଣୁ ଭାବି ଚିନ୍ତି ଦେଖ, ତମେ ଆତ୍ମହତ୍ୟା ନ କରି ଭୂତ ପାଖରେ ରହିବ । ମୁଁ ମଧ୍ୟ ତୁମ ପାଖରେ ରହିବି । ଏଥିରେ ଅସୁବିଧା କ'ଣ ?" ଏକଥା ଗୋବିନ୍ଦକୁ ବେଶ୍ ଭଲ ଲାଗିଲା । ସେମାନେ ଆକାଶ ପାତାଳ ଓ ଦେବଦେବୀଙ୍କୁ ସାକ୍ଷୀ ରଖି ବିବାହ କରିନେଲେ ଓ ଦୁଇଜଣ ଭୂତ ପାଖକୁ ଚାଲିଲେ । ସେଠାରେ ପହଁଚିବା ମାତ୍ରେ ଦେଖିଲେ ଜଣେ ଦେବପୁରୁଷ ଠିଆହୋଇଛନ୍ତି । ସେ ତାଙ୍କୁ କହିଲେ, "ମୁଁ ଜଣେ ଶାପଗ୍ରସ୍ତ ଦେବତା । ସେଥିଲାଗି କିଛି ସମୟ ପାଇଁ ମୁଁ ଭୂତ ହୋଇଥିଲି । ତୁମେ ହୃଦୟପୂର୍ବକ ମୋର ସହାୟତା କରିଛ, ଏପରିକି ଜୀବନ ତ୍ୟାଗ କରିବାକୁ ମଧ୍ୟ ଚାହିଁଥିଲ । ତୁମର ମହାନତା ଯୋଗୁଁ ମୋର ଶାପ ମୋଚନ ହୋଇଛି । ତୁମ ଦୁହିଁଙ୍କୁ ଦେଖାକରିବାକୁ ମୁଁ ଏଠାରେ ଅପେକ୍ଷା କରିଥିଲି । ତୁମ ସହିତ ଏହା ମୋର ଶେଷ ଦେଖା ।" ଏତିକି କହି ସେ ଦୁଇଟି ଥଳୀପୂର୍ଣ୍ଣ ସୁନା ମୋହର ଦେଇ, ସେ ଦୁଇଜଣଙ୍କୁ ଆଶୀର୍ବାଦ କରି କୁଆଡେ ଅଦୃଶ୍ୟ ହୋଇଗଲେ । ଗୋବିନ୍ଦ ଓ ସରଳା ସୁନାମୋହରତକ ନେଇ ଗ୍ରାମକୁ ଫେରିଲେ । ମା' ବାପା ବଡ ଖୁସି ହେଲେ । ଜୀବନ ଥିବା ପର୍ଯ୍ୟନ୍ତ ଗୋବିନ୍ଦ ଅନ୍ୟମାନଙ୍କର ସହାୟତା କରୁଥାଏ ।

ସାନ୍ତାଳ ବିବାହ : ଏକ ସାମାଜିକ ସ୍ୱୀକୃତି

ଦଶରଥ ହେମ୍ବ୍ରମ୍

ସାନ୍ତାଳୀ ଗଣନା ଅନୁସାରେ ବରଷର ବାରମାସ ମଧ୍ୟରୁ ମାଘ ମାସକୁ ପ୍ରଥମ ମାସ ଭାବରେ ଗୌଣ କରାଯାଏ । ତେଣୁ ସାନ୍ତାଳୀ ପଞ୍ଜିକାନୁଯାୟୀ ଏହି ମାସରେ ପଡୁଥିବା ମାଗ୍ ସିମ୍ ପୂଜାକୁ ବିଧି ଅନୁସାରେ ସମ୍ପନ୍ନ କରି ବର୍ଷକୁ ସ୍ୱାଗତ କରିଥାନ୍ତି । ପ୍ରତେକ ସାନ୍ତାଳ ଗ୍ରାମରେ ଏହି ମାସରେ ମାଝୀମାପାଞ୍ଜୀ ନିର୍ବାଚନ ବ୍ୟବସ୍ଥା ଥିବାରୁ ଗ୍ରାମର ମାଝୀମାପାଞ୍ଜୀମାନଙ୍କୁ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ତା'ପରେ ଗ୍ରାମରେ ଥିବା ଗ୍ରାମଲୋକଙ୍କର ସର୍ବାଙ୍ଗୀନ ସମସ୍ୟାକୁ ଦୃଷ୍ଟିରେ ରଖି ନିଷ୍ଠା ସହ ତାଙ୍କର କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି । କେବଳ ମଣିଷ ଜନ୍ମଠାରୁ ମୃତ୍ୟୁର ଶେଷ କ୍ରିୟାକର୍ମ ଯାଏଁ ସେମାନଙ୍କ ଉପସ୍ଥିତରେ କାର୍ଯ୍ୟ ସିଦ୍ଧ କରାଯାଏ ତାହା ନୁହଁ, ସେହି ଗ୍ରାମରେ ଥିବା ପ୍ରତି ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ସେମାନଙ୍କ ଉପସ୍ଥିତି ରହିବା ବିଧେୟ । ତେଣୁ ଗ୍ରାମର ମୁଖିଆମାନଙ୍କ ଭୂମିକା ସାନ୍ତାଳ ସମାଜରେ ବହୁ ଗୁଣରେ ଗୁଣିତ । ମାଗ୍ ସିମ୍ ପୂଜା ଗ୍ରାମରେ ସରିବା ପରେ ବିବାହ ଯୋଗ୍ୟ ପୁଅଙ୍କ ପାଇଁ 'ବାହାଚିୟା' ଅର୍ଥାତ୍ ପାତ୍ରୀଖୋଜା ଶୁଭାରମ୍ଭ ହୁଏ । ପୁଅ ଏବଂ ଝିଅଙ୍କ ମଧ୍ୟରେ ଯଦି ବିବାହ କରିବାରେ ଉଭୟଙ୍କ ପସନ୍ଦ ଆସିଥାଏ ତେବେ ଉଭୟ ପରିବାରର ମୁରବି ସମେତ ଗ୍ରାମର ମାଝୀମାପାଞ୍ଜୀ ବସି ବିବାହ କାର୍ଯ୍ୟକୁ ଆଗେଇ ନେଇଥାନ୍ତି । ବିବାହ ଖବର ଦେବାନେବା ପାଇଁ ଦ୍ୱିପାକ୍ଷୀଙ୍କ ରାଜିନୁଯାୟୀ ମଧ୍ୟସ୍ଥି ନିଯୁକ୍ତି ପାଇଥାଏ, ସାନ୍ତାଳୀରେ ତା'କୁ 'ରାଇବାର' କୁହନ୍ତି । ଏହାରି ମାଧ୍ୟମରେ ବିବାହର ଯାବତୀୟ ଖର୍ଚ୍ଚର ହିସାବ-କିତାବ ଏକ ଚିଠା ପ୍ରସ୍ତୁତ କରି ଉଭୟ ପରିବାରରେ ତାହା ବିଚାରକୁ ନିଆଯାଏ, ସମ୍ବଳ ଓ ସମ୍ବଳାନୁଯାୟୀ ବାହାଘର ଧାର୍ଯ୍ୟ ହୁଏ । ଉଭୟ ପରିବାର ଯେତେ ଆତ୍ମୀୟ ବନ୍ଧୁବାନ୍ଧବ ଅଛନ୍ତି ସମସ୍ତଙ୍କୁ 'ଗିରା' ମାଧ୍ୟମରେ ସୂଚାଇ ଦିଆଯାଏ । ଏହା ଫୁଲଫାଲଗୁଣୀ ପର୍ବ ପାଳନ ପରେ ଅର୍ଥାତ୍ ଚୈତ୍ର ଓ ବୈଶାଖ ମାସରେ ସାନ୍ତାଳମାନେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । କାରଣ, ଏହି ସମୟକୁ କୃଷିକର୍ମ ପ୍ରାୟ ସରିଥାଏ, ସମସ୍ତ ବନ୍ଧୁ ପରିଜନ ଆସିପାରିବେ ଏବଂ ନୂଆ ଦମ୍ପତିଙ୍କୁ ଆଶୀର୍ବାଦ କରିପାରିବାର ସମସ୍ତେ ସୌଭାଗ୍ୟ ଲାଭ କରିବେ । ଏହି ମାସକୁ ଶୁଭ ମାସ ବୋଲି ସାନ୍ତାଳ ଲୋକମାନେ ବିଶ୍ୱାସ କରନ୍ତି । ତେବେ ଏହି ବିବାହ ଯୁବକ ଏବଂ ଯୁବତୀକୁ ସହାବସ୍ଥାନ ପାଇଁ ସାନ୍ତାଳ ସମାଜ ମାନ୍ୟତା ଦେବାଦ୍ୱାରା ବିବାହକୁ ଏକ ସାମାଜିକ ସ୍ୱୀକୃତି ଭାବରେ ବିବେଚନା କରାଯାଏ । ଏହା ବୈଦିକ ମନ୍ତ୍ରୋଚାରଣ ସହିତ ବିବାହ ସମ୍ପନ୍ନ ହୋଇଥାଏ ।

ସାନ୍ତାଳ ସମାଜରେ ଅନେକ ପ୍ରକାର ବିବାହ ରହିଛି, ସେଗୁଡିକ ସାଙ୍ଗେ ବାରିୟାତ୍, ଦଲ୍/ସିରିବାରୀ/ଦୁଆର, ଆପାଙ୍ଗିର, କଣ୍ଡେଲ/ଗୁଲଦାଉ ଛାପାମ, ଅର ଆଦେର, ଞିରବଲ, ଟୁଙ୍କି ଦିପିଲ/ ହାଲାମ୍ ବାରିୟାତ୍, ସାଙ୍ଗା, ଗଲାଏଁଟେ, ଜାୱାଁୟ କିରିଞ୍ଜ, ହିରମ୍ ଚେତାନ୍, ଇପୁଟୁଦ, ଘାର୍ଡ଼ୀ ଜାୱାଁୟ ଏବଂ ଆଗୁ ହାତଲ ଇତ୍ୟାଦି ବିବାହ ସାନ୍ତାଳ ସମାଜରେ ପ୍ରଚଳିତ । ବର୍ତ୍ତମାନ ସମୟରେ ଏହିସବୁ ବିବାହ ମଧ୍ୟରୁ ଦୁଆର୍ ବାପ୍ଲା ସାନ୍ତାଳମାନଙ୍କର ମୁଖ୍ୟ ବାହାବଘର ବୋଲି ସମାଜ ସ୍ୱୀକୃତି ଦେଇଥିବା ବେଳେ ସାଙ୍ଗେ ବାରିୟାତ୍ ଥିଲା ପୁରାତନ ଯୁଗରେ ପ୍ରମୁଖ ବିବାହ ।

ସାନ୍ତାଳ ବିବାହ କେବଳ ଦୁଇଟା ପରିବାରକୁ ଯୋଡେ ନାହିଁ ବରଂ ଦୁଇଟି ଗ୍ରାମ ମଧ୍ୟରେ ସମ୍ପର୍କକୁ ମଜଭୁତ କରିଥାଏ । ତେଣୁ ଗ୍ରାମରେ ହେଉଥିବା ସମସ୍ତ ବିବାହରେ ଦୁଇଟି ଗ୍ରାମର ପ୍ରତିନିଧିତ୍ୱ ଭାବେ ଗ୍ରାମ୍ୟମୁଖ୍ୟ ମାଝୀ ସହିତ ଦୁଇ ପକ୍ଷର ମୁରବି ଏବଂ ମଧ୍ୟସ୍ଥଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ଯେ କୌଣସି ବିବାହର ଶୁଭ ଓ ଅଶୁଭ ଏବଂ କେଉଁ ଦିନରେ ବାହାଘର ଅନୁଷ୍ଠିତ କରାଯିବ, ସେମାନେ ହିଁ ଗଣନା କରିଥାନ୍ତି । ତାଙ୍କରି ନିଷ୍ପତିକ୍ରମେ ବାହାଘରଟି ସମ୍ପନ୍ନ ହୁଏ । ତେବେ ବିବାହ ପୂର୍ବରୁ 'ହରଃ' ଚିହ୍ନା ପରମ୍ପରା ରହିଛି । କନ୍ୟାପଣ ନିରୂପଣ ଚୂଡାନ୍ତ ହେଲେ 'ପିନ୍ଧାଣୀ' ପର୍ବର ଆୟୋଜନ କରାଯାଏ । ବରପକ୍ଷ କନ୍ୟାଗୃହକୁ ଯାଇ ଝିଅକୁ ଗହଣା ପିନ୍ଧାଇ ବୋହୂ-ଚିହ୍ନ କରି ଆସନ୍ତି । ସେହିପରି କନ୍ୟାପକ୍ଷରୁ ମାମୁ-ମାଇଁ, କାକା-ଖୁଡୀ, ଗ୍ରାମର ମୁଖିଆ, ଉପମୁଖିଆ ଦମ୍ପତି ଆସି ବରକୁ କିଛି ପିନ୍ଧାଇ ଆସନ୍ତି । ତା'ପରେ ବାହାଘର ଅନୁଷ୍ଠିତ ହୁଏ । ବିବାହର ପୂର୍ବ ଦିନରେ 'ବାପ୍ଲା ସିମ୍' ପୂଜା କରି ସାରିବା ପରେ ବିବାହ କାର୍ଯ୍ୟକୁ ଆଗେଇ ନେଇଥାନ୍ତି । ବିବାହ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ଉଭୟ ପରିବାରର କନ୍ୟା, କନ୍ୟାର ପିତା-ମାତା ଏବଂ ବର, ବରର ପିତା-ମାତା ଉପାସ ରହିବାର ବିଧି ରହିଛି । ସେହି ଦିନରେ ହିଁ ବରଙ୍କ ଭାଉଜ ବରଙ୍କୁ ଜୁଆଡି ଉପରେ ବସେଇ ବାଡୁଆ ପାଣିରେ ଗାଧେଇବା ପରେ ତାଙ୍କ ହାତରେ ଖିଲିକାତି/ ଗୁଆକାତି ଧରେଇବା ସହିତ ସୂତାକୁ ହଳଦୀ କରି ଆମ୍ବପତ୍ର ବଳା ତିଆରି କରି ଡାହାଣ ହାତରେ ଏବଂ କୁଶରେ ତିଆରି ମୁଦି ଆଙ୍ଗୁଠିରେ ପିନ୍ଧାଇ ଦିଅନ୍ତି । ସେହିପରି କନ୍ୟାଙ୍କ ଭାଉଜ କନ୍ୟାଙ୍କୁ ମଧ୍ୟ ଜୁଆଡି ଉପରେ ବସେଇ ବାଡୁଆ ପାଣିରେ ଗାଧେଇ ତାଙ୍କ ହାତରେ କାଜରାଆଟି ଧରେଇବା ସହିତ ସୂତାକୁ ହଳଦୀ କରି ଆମ୍ବପତ୍ର ବଳା ତିଆରି ଡାହାଣ ହାତରେ ଏବଂ କୁଶରେ ତିଆରି ମୁଦି ଆଙ୍ଗୁଠିରେ ପିନ୍ଧାଇ ଦିଅନ୍ତି । ଏହାପରେ ବର କିମ୍ବା କନ୍ୟା ଏକା କୁଆଡେ ବାହାରକୁ ଯାଇ ପାରିବେ ନାହିଁ । ସେଥିପାଇଁ ବର ଓ କନ୍ୟାଙ୍କୁ ବିଶ୍ୱାସଯୋଗ୍ୟ ସାଙ୍ଗ ଦେବା ପାଇଁ ବରଙ୍କୁ ପୁଅ ଏବଂ କନ୍ୟାଙ୍କୁ ଝିଅ ସାଙ୍ଗ ଜୁଟାଇ ଦିଅନ୍ତି । ତା'ପର ଦିନ ଅର୍ଥାତ ବିବାହ ଦିନରେ ବର ତା'ର ବନ୍ଧୁବାନ୍ଧବ, ସମ୍ପର୍କୀୟ ଜ୍ଞାତି କୁଟୁମ୍ବ ତଥା ବରପକ୍ଷର ପରିବାର ସଦସ୍ୟଗଣଙ୍କ ଗହଣରେ ଜାକଜମକରେ କନ୍ୟାଘର ଗାଁକୁ ଅଭିମୁଖେ ଯାତ୍ରା କରନ୍ତି । ବର କନ୍ୟାଗ୍ରାମରେ ପହଞ୍ଚିଲେ ଗ୍ରାମ ମୁଣ୍ଡରେ ଥିବା ଗଛମୂଳରେ ଡେରା କରାଯିବାର ବ୍ୟବସ୍ଥା ରହିଛି । ତା'ପରେ ସେହି ଗ୍ରାମରେ ମାଝୀ, ଗ୍ରାମବାସୀଙ୍କ ସହିତ ଗ୍ରାମ ମୁଣ୍ଡକୁ ଯାଇ 'ପାଣିଡାଲ' ଦେଇ ଗ୍ରାମ ଭିତରକୁ ସ୍ୱାଗତ ସମ୍ବର୍ଦ୍ଧନା କରି ଆଣନ୍ତି । ବାସ୍ତବରେ ଏହି ଦୃଶ୍ୟ ରୋମାଂଚକ ଏବଂ ଚମତ୍କାର ହୋଇଥାଏ, ସମସ୍ତଙ୍କ ମନରେ ଆହେତୁକ ଆନନ୍ଦ ଏବଂ ଖୁସି ଦେଇଥାଏ । ଏହି ସମୟରେ ଯୁବକ ଓ ଯୁବତୀମାନେ ମାଦଳର ତାଳେ ତାଳେ ନୃତ୍ୟ ଓ ସଙ୍ଗୀତରେ ମହୋଲ୍ଲସିତ ଭିତରେ ନିଜକୁ ହଜେଇ ଦେଇଥାନ୍ତି । କିଛି ସମୟ ପରେ କନ୍ୟା ପକ୍ଷରୁ ବରକୁ ଗାଧେଇବା ଓ ଜଳଖିଆ ଦେବାର କାର୍ଯ୍ୟ ଆରମ୍ଭ ହୁଏ । ତା'ପୂର୍ବରୁ କନ୍ୟା ଗୃହରେ କନ୍ୟାର ବଡ ଭଉଣୀ ବରକୁ ଖିଅର କରେ, କିନ୍ତୁ ବ୍ଲେଡରେ ନୁହଁ । କଳାପାତି ଓ ବାଉଁଶ ପାତିଆରେ ଖିଅର କରିବାରେ ଅଭିନୟ କରେ, ତା'ପରେ ତେଲ ହଳଦୀ ଲଗାଇ ବରକୁ ଗାଧେଇ ଦିଏ । ସାନ୍ତାଳ ବିବାହ ପ୍ରଥା ଅନୁସାରେ କନ୍ୟାର ବଡ ଭଉଣୀଙ୍କର ବର ପାଇଁ ଏହା ପ୍ରଥମ ଓ ଶେଷ କର୍ତବ୍ୟ, ଏହାପରେ ସାନ ଭଉଣୀର ବରକୁ ସେ କେବେ ସ୍ପର୍ଶ କରି ପାରିବ ନାହିଁ, ଏହା ଅତ୍ୟନ୍ତ ଚିତାକର୍ଷକ ଏବଂ ଶିକ୍ଷଣୀୟ ଅଟେ । ଏହାରି ଭିତରେ ଉଭୟ ପକ୍ଷ ଗ୍ରାମର ମାଝୀମାପାଞ୍ଜୀ ଏକାଠି ବସି ପୂର୍ବରୁ ଦାବି ମୁତାବକ 'ଗନଂପନ' ନେଣଦେଣ କାର୍ଯ୍ୟ ଚାଲିଥାଏ । ଏହା ସରିଲା ପରେ କନ୍ୟା ସିନ୍ଥିରେ 'ସିନ୍ଦୂର ଦାନ୍' କାର୍ଯ୍ୟକୁ ସେମାନେ ଆଗେଇ ନିଅନ୍ତି । କନ୍ୟା ସିନ୍ଥିରେ 'ସିନ୍ଦୂର ଦାନ୍' ଦେବା ପୂର୍ବରୁ ବର ଭେଣେଇ କାନ୍ଧରେ ବସେ, ତା'କୁ ସାନ୍ତାଳୀରେ 'ସାଦମ' ବୋଲି ଆଖ୍ୟା ଦିଆଯାଏ । ତା'ର ଶଳା ମଧ୍ୟ ତାଙ୍କର ଜଣେ ସମ୍ପର୍କୀୟ ଭିଣେଇଙ୍କ କାନ୍ଧରେ ବସି ସ୍ୱାଗତ କରିବାକୁ ବାହାରେ । ଉଭୟଙ୍କ ମଧ୍ୟରେ ସାମ୍ନାସାମ୍ନୀ ହେଲାପରେ ଚତୁପାର୍ଶ୍ୱ ତିନିଥର ବୁଲିବା ସମୟରେ ପରସ୍ପର ଉପରକୁ ଅରୁଆ ଚାଉଳ ଫିଙ୍ଗନ୍ତି । ତା'ପରେ ହାତ ଧରାଧରି ହୋଇ ପରସ୍ପର ମଧ୍ୟରେ ଆଲିଙ୍ଗନ ହୁଅନ୍ତି । ଶେଷରେ ଶଳା ବର(ଭେଣେଇ)ମୁଣ୍ଡରେ ନୂଆ ଗାମୁଛା ପଗଡି ପିନ୍ଧାଇ ଦିଏ, ତା'ପରେ ପାନ-ପୁଙ୍ଗି (ପାନ-ବିଡି) ପରସ୍ପର ମଧ୍ୟରେ ଆଦାନପ୍ରଦାନ ହୁଅନ୍ତି । ଏହାପରେ ବରଯାତ୍ରୀମାନେ ବଡ ଡାଲା ଧରି କନ୍ୟାଗୃହ ଦ୍ୱାରକୁ ଯାଇ ଗୀତ ଗାଇ କନ୍ୟା ମାଗନ୍ତି । ସେହି ସମୟରେ ତିତରୀକୁଳୀ ଲୁଗାରେ କନ୍ୟା ଘରଦ୍ୱାରକୁ ଅବରୁଦ୍ଧ କରନ୍ତି, ତାଙ୍କର ପାଉଣା ସେମାନେ ପାଇଲେ ଘରଦ୍ୱାର ଖୋଲି ଦିଅନ୍ତି । ଏହି ସମୟରେ ବରର ବଡ/ସାନଭାଇମାନେ କନ୍ୟାକୁ ବଡ ଡ଼ାଲାରେ ବସାଇ ଦାଣ୍ଡକୁ ଆଣିନ୍ତି, ତା'ପରେ କନ୍ୟାକୁ ଉପରକୁ ଉତୋଳନ କରନ୍ତି । ବର ଓ କନ୍ୟାଙ୍କ ମଧ୍ୟରେ କପଡାର ପ୍ରତିବନ୍ଧକ ଟଣାଯାଏ । ଉପସ୍ଥିତ ଗ୍ରାମଲୋକମାନେ ବିବାହ ଗୀତ ଗାନ କରି ନାଚୁଥିବା ସମୟରେ ବରକନ୍ୟା ଉପରେ ଥାଇ ଗ୍ରାମ ଦେବୀଙ୍କୁ ସାକ୍ଷୀ ରଖି ଅରୁଆ ଚାଉଳରେ ଉଭୟ ଉଭୟଙ୍କୁ ଫିଙ୍ଗାଫିଙ୍ଗି ହୁଏ ଏବଂ କପଡା ପ୍ରତିବନ୍ଧକର ଚତୁର୍ପାର୍ଶ୍ୱ ତିନିଥର ପରିକ୍ରମା କରାଇ ଦିଆଯାଏ । ତା'ପରେ ପରସ୍ପରକୁ ପୂର୍ବ ପଶ୍ଚିମକୁ ମୁହଁ କରାଇ ସାମ୍ନାସାମ୍ନୀ କରିଦିଆଯାଏ । ପରସ୍ପରକୁ ଆମ୍ବଡାଳରେ ତିନିଥର ଲେଖାଏଁ ପାଣି ସିଂଚନ କରିବା ପରେ ବରକୁ ଶାଳପତ୍ରରେ ସିନ୍ଦୂର ଦିଆଯାଏ । ବର ତା'ର ବୃଦ୍ଧ ଏବଂ କନିଷ୍ଠ ଆଙ୍ଗୁଠିରେ ସିନ୍ଦୂର ନେଇ ପ୍ରଥମେ ବସୁମତୀ ମାତାଙ୍କ ଉଦ୍ଦେଶରେ ପକାଇ ତିନିଥର କନ୍ୟାର ସିନ୍ଥିରେ ସିନ୍ଦୂର ଲଗାଇବା ବେଳେ ତିନିଥର 'ହିର୍ଲା ମାରାଂବୁରୁ' ଧ୍ୱନି ଉଚ୍ଚାରଣ କରାଯାଏ । କପଡାର ପ୍ରତିବନ୍ଧକ ହଟାଇ ଦିଆଯାଏ, ବରକୁ ତଳେ ଉଲ୍ଲାଇ ଦିଅନ୍ତି । ତା'ପରେ ଉଭୟଙ୍କ ଅଙ୍ଗବସ୍ତ୍ରକୁ ସଂଯୋଗ କରି ଗଣ୍ଠି ପକାଇ ଦିଆଯାଏ ଏବଂ ତିନି ଘେରା ହାତ ଧରାଧରି ହୋଇ ନାଚନ୍ତି, ଏହା ହେଉଛି ବିବାହର ମୁଖ୍ୟ ଅଧ୍ୟାୟ ଯାହାକି ବରକନ୍ୟାକୁ ନୂଆ ଦମ୍ପତିର ପରିଚୟ ପାଇଥାଏ । ଏହାପରେ ନବ ଦମ୍ପତିଙ୍କୁ ବନ୍ଦାପନା ଦିଆଯାଏ, ଏହି ଅବସରରେ ବନ୍ଧୁବାନ୍ଧବ ଆଣିଥିବା ନାନା ପ୍ରକାର ଉପହାର ଦିଆଯାଏ । ଏସବୁ ନୀତିକାର୍ଯ୍ୟ ସରିଲା ପରେ ବରକନ୍ୟାକୁ ଆଡମ୍ବରରେ କନ୍ୟାଘରୁ ବିଦାୟ ଦିଆଯାଏ । ସେହିପରି ବର ଗ୍ରାମରେ ବରକନ୍ୟାଙ୍କୁ ମହାଆଡମ୍ବରରେ ସ୍ୱାଗତ କରାଯାଏ କିନ୍ତୁ ଗୃହକୁ କନ୍ୟା ସିଧାସଳଖ ବର ଗୃହରେ ପ୍ରବେଶ କରେ ନାହିଁ । ବରର ଭଉଣୀ ସେମାନଙ୍କ ଗୋଡକୁ କଂସା ଥାଳି ଉପରେ ରଖି ଧୋଇ ଦିଏ ଏବଂ କନ୍ୟାର ଗୋଡକୁ ଧରେ, ଯାହା ସାନ୍ତାଳୀରେ 'କାଟକମ୍' କୁହାଯାଏ । କିଛି ଟଙ୍କା ପାଇଲେ ସେ ଗୋଡ ଛାଡିଦିଏ । କେବଳ ସେତିକିରେ ତା'ର ଦାବି ପୂରଣ ହୁଏ ନାହିଁ, କନ୍ୟା ଗୃହ ପ୍ରବେଶ କଲାବେଳେ ଦ୍ୱାରକୁ ଅବରୁଦ୍ଧ କରିଥାଏ । ନଣନ୍ଦ ପେଡି ସ୍ୱରୂପ କିଛି ଟଙ୍କା ନଡୁବା ଶାଢୀ ପାଇଲେ ଦ୍ୱାର ଛାଡି ଦେଇଥାଏ । ଶେଷରେ ନୂଆ ଦମ୍ପତିଙ୍କର ସେଠାରେ ପୁଣି ବନ୍ଦାପନା କରାଯାଏ । ଏଠି ମଧ୍ୟ ବନ୍ଧୁବାନ୍ଧବ ଆଣିଥିବା ଉପହାରସବୁ ନୂଆ ଦମ୍ପତିଙ୍କୁ ପ୍ରଦାନ କରିବା ସହିତ ଆଶୀର୍ବାଦ କରିଥାନ୍ତି । ଏତିକିରେ ମୁଖ୍ୟ ବିବାହ ପରିସମାପ୍ତି ହୁଏ କିନ୍ତୁ ବିବାହର ଅନ୍ୟାନ୍ୟ ନୀତିକାର୍ଯ୍ୟ 'ବାଉଲାଘୁରା' ଯାଏଁ ଲାଗିରୁହେ ।

ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ-୯୩୩୭୦୪୦୪୨୫୪

ଖୋଜା ପଡୁଛି ଚାକିରୀଆ ବୋହୂ

ଦିପ୍ତିମୟୀ ନାୟକ

ଆଜିର ସମାଜରେ ଏମିତି କିଛି ଗାଁ ଗହଳି ଅଛି ଯେଉଁଠି ଝିଅଙ୍କ ଶିକ୍ଷା ପ୍ରତି ବିଶେଷ କେହି ଧ୍ୟାନ ଦିଅନ୍ତିନି କିନ୍ତୁ ପୁଅ ମାନଙ୍କ ଶିକ୍ଷାକୁ ନେଇ ଅନେକ ପରିବାର ବେଶ ଚିନ୍ତିତ ଥାଆନ୍ତି । କିଏ କହୁଥାଏ ମୋ ପୁଅ ଡାକ୍ତର ହେବ ଆଉ କିଏ କହୁଥାଏ ମୋ ପୁଅ ପୋଲିସ ହେବ ତ ପୁଣି କିଏ କହୁଥାଏ ମୋ ପୁଅ ବିଜନେସ କରିବ । କିନ୍ତୁ ଅନେକ ଲୋକଙ୍କ ପାଟିରୁ ଶୁଣିବାକୁ ମିଳୁନଥାଏ ମୋ ଝିଅ ପାଠ ପଢିବ । ମୋ ଝିଅ ଆଗକୁ ବଢିବ । ଭଲ ଚକିରୀଟିଏ କରିବ । କିନ୍ତୁ ଯେତେବେଳେ ପୁଅ ପାଇଁ ବୋହୂ ଖୋଜା ପଡେ ସେତେବେଳେ ସମସ୍ତଙ୍କୁ ସମସ୍ତଙ୍କ ଘରକୁ ଗୋଟେ ଚାକିରୀଆ ବୋହୂଟିଏ ଦରକାର ପଡିଥାଏ । ଝିଅକୁ ପାଠ ପଢ଼େଇଲେ ତ ସେହି ଝିଅ କାହା ଘରକୁ ଗୋଟେ ଚାକିରୀଆ ବୋହୂ ହୋଇକି ଯିବ ନଚେତ କେମିତି ଚାକିରୀଆ ବୋହୂ ହେବ । ଥରେ ଭାବନ୍ତୁ ଯେଉଁ ସମାଜ ଆଜି ଗୋଟେ ଚାକିରୀଆ ଝିଅକୁ ଖୋଜି ଚାକିରୀଆ ବୋହୂ କରିବାକୁ ଚାହୁଁଛି ସେହି ସମାଜର କିଛି ଲୋକ କାହିଁକି ଝିଅର ଶିକ୍ଷା ପ୍ରତି ଧ୍ୟାନ ଦିଅନ୍ତିନି । ଶିକ୍ଷାର ଉନ୍ନତି ହେଲେ ଦେଶର ଉନ୍ନତି ହେବ ଦେଶର ଉନ୍ନତି ହେଲେ ନିଜ ପରିବାର ଆର୍ଥିକ ସ୍ଥିତିରେ କିଛିଟା ସୁଧାର ଆସିପାରିବ । କିନ୍ତୁ ନା ଝିଅକୁ ପଢ଼େଇବେନି କିନ୍ତୁ ବୋହୂର ଚାକିରୀ ଖୋଜିବେ । ଝିଅକୁ ପଠେଇବେ ହାଣ୍ଡିଶାଳ ପାଠୁଆ ପୁଅ ପାଇଁ ବୋହୂ ଖୋଜିବେ ବାରଦୁଆର । ଝିଅକୁ ପଢାନ୍ତୁ ତାପରେ ଘରକୁ ଚାକିରୀଆ ବୋହୂ ଖୋଜନ୍ତୁ କାହିଁକି ନା ଆପଣ ଯେମିତି ଚାହାଁନ୍ତି ଚାକିରୀଆ ବୋହୂ ଆଉ କିଏ ମଧ୍ୟ ଚାହେଁ ତା ଘରକୁ ଗୋଟେ ଶିକ୍ଷିତ ବୋହୂ । ତେବେ ଝିଅଙ୍କ ପ୍ରତି ଅବହେଳା କରନ୍ତୁନି । ଯଦିଓ ଆଜିର ସମାଜରେ କିଛି ଅଶିକ୍ଷିତ ଝିଅ ଅଛନ୍ତି ଏଥିପାଇଁ ଦାୟୀ କେବଳ ଏହି ଶିକ୍ଷିତ ସମାଜ । ନିଜକୁ ଶିକ୍ଷିତ କହି ବାହାର ଦୁନିଆକୁ ଆଲୋକ ଦେଖେଇ କି ଲାଭ ଯଦି ନିଜ ଘର ଅନ୍ଧାର ରୂପକ ଶିକ୍ଷିତ ପରିବାର ଭିତରେ ଗୋଟେ ଝିଅଟିଏ ଅଶିକ୍ଷିତ ଥାଏ । ପୁଅଙ୍କୁ ଯେମିତି ସୁଯୋଗ ଦିଆଯାଉଛି ଝିଅଙ୍କୁ ମଧ୍ୟ ସମାନ ସୁଯୋଗ ଦିଆଯାଉ । ଝିଅଟିଏ ଅନେକ ସମୟରେ ବିଭିନ୍ନ ସମସ୍ୟା ଦେଇ ଗତି କରେ କେବଳ ତା ପରିବାର ମାନସମ୍ମାନ ଇଜ୍ଜତ କଥା ଭାବି ଭାବି ତେଣୁ ତା ପରିବାର ତାକୁ ଯେମିତି କୁହନ୍ତି ସେ ସେହି ହିସାବରେ କାର୍ଯ୍ୟ କରେ । କିନ୍ତୁ ଯେତେବେଳେ କୌଣସି ଝିଅର ବାହାଘର କଥା ଉଠେ ସେତେବେଳେ ସମସ୍ତଙ୍କ ମୁଣ୍ଡରେ ବୁଦ୍ଧି ଆସେ ଆମେ କାହିଁକି ଆମ ଝିଅକୁ ପାଠ ପଢ଼େଇଲେନି । ଆଜିକାଲି ଯିଏ ଝିଅ ଦେଖିବାକୁ ଆସୁଛି ସେ ସର୍ବପ୍ରଥମେ ଶିକ୍ଷାଗତ ଯୋଗ୍ୟତା କେତେ ବୋଲି ପଚାରୁଛି । ଆଉ ଶିକ୍ଷାଗତ ଯୋଗ୍ୟତା କମ ଥିଲେ ସେଇଠୁ ସେହି ପ୍ରସ୍ତାବ ଭାଙ୍ଗି ଯାଉଛି । ଆଖିରେ ଆଖିଏ ସ୍ୱପ୍ନ ରଖିଥିବା ଝିଅର ସ୍ୱପ୍ନ କେଇକ୍ଷଣୀରେ ଭାଙ୍ଗିଯାଏ । ବେଳେବେଳେ ଏମିତି ଅନେକ ଘଟଣା ଆଖି ସାମ୍ନାକୁ ଆସେ କିନ୍ତୁ କେହି ଏ ବିଷୟରେ ଆଲୋଚନା କରନ୍ତିନି । ଯାହାଫଳରେ ଅନେକ ଗାଁ ଗହଳିରେ ଆଜିବି ଅନେକ ଝିଅ ଅଶିକ୍ଷିତ ଅବିବାହିତ ଏବଂ ଅବହେଳିତ ଅବସ୍ଥାରେ ରହିଛନ୍ତି । ବିବାହ ପ୍ରସ୍ତାବ ଭାଙ୍ଗିବାର ପ୍ରମୁଖ କାରଣ ହେଉଛି ଶିକ୍ଷା ।

ତେବେ ଅନେକ ସମୟରେ ମଧ୍ୟ ଆଉ ଗୋଟେ କଥା ନଜରକୁ ଆସେ ଗୋଟେ ଝିଅ ଯଦି ପାଠ ପଢିନଥାଏ କାହା ଘରକୁ ବୋହୂ ହୋଇକି ଯାଇଥାଏ ସେଠାରେ ସେ ନିର୍ଯ୍ୟାତନାର ଶିକାର ହୋଇଥାଏ । ବାରମ୍ବାର ବାପା ଭାଇ ମା ଭଉଣୀକୁ ଗାଳି ହେଉଥାଏ ଆଉ ସେ ନୀରବ ରହିକି କାନ୍ଦିବା ଜାଣିଥାଏ କିନ୍ତୁ ଆଜିର ଅନେକ ନାରୀ ଆଉ କାନ୍ଦୁ ନାହାନ୍ତି କିନ୍ତୁ ପରିବାରରେ ଅଶାନ୍ତି ଲାଗି ରହୁଛି । ଲଙ୍କା ପୋଡି ଠାରୁ ଆହୁରି ଭୟଙ୍କର ପାରିବାରିକ ହିଂସା ଦେଖାଯାଉଛି । ଝିଅର ପରିଚୟ ବଣମଲ୍ଲୀ ନୁହେଁ ଏକଥା କିଛି ଲୋକ ଯେତେ ଶୀଘ୍ର ବୁଝିବେ ହୁଏତ ଝିଅ ହିଁ ତାର ପ୍ରକୃତ ପରିଚୟ ପାଇବା ସହ ଆଉ କାହା ଘରର ବୋହୂ ହୋଇ ଗୋଟେ ଶାନ୍ତି ଶୃଙ୍ଖଳିତ ପରିବାର ଗଢିବାରେ ବେଶ ଯତ୍ନଶୀଳ ରହିବ । ଯେପର୍ଯ୍ୟନ୍ତ ଚାକିରୀଆ ବୋହୂ ଖୋଜା ପଡିବ ସେପର୍ଯ୍ୟନ୍ତ ଗୋଟିଏ ସ୍ୱର ରହିବ ନିଜ ଝିଅକୁ ଅଶିକ୍ଷିତ କରି ବୋହୂ ଖୋଜୁଛ ବୁଲିବୁଲି । ନିଜ ଝିଅକୁ ପଢ଼ାଅ ତାପରେ ଚାକିରୀଆ ଝିଅ ଦେଖି ଘରକୁ ଚାକିରୀଆ ବୋହୂଟିଏ ଆଣ ।

ଅନ୍ଧାରୁଆ, ଭୁବନେଶ୍ୱର ୯୦୯୦୬୬୧୫୮୬

ଚିହ୍ନ ଚରିତ୍ର

୧୫ ଜୁଲାଇ ୨୦୨୪ ସୋମବାର

ଭୟଙ୍କର ପରମ୍ପରା

ପୃଥିବୀରେ ଯେତେ ଦେଶ, ତା'ଠୁ ଅଧିକ ପ୍ରଥା ଓ ପରମ୍ପରା । ପ୍ରତ୍ୟେକ ପ୍ରାନ୍ତର ନିଜସ୍ୱ ପରମ୍ପରା ଓ ମାନ୍ୟତା ରହିଛି । କିଛି ଆଶ୍ଚର୍ଯ୍ୟରେ ପକାଏ ଆଉ କିଛି ମନରେ ଭୟ ସୃଷ୍ଟି କରେ । କ୍ୟୁବାର ଏହି ପରମ୍ପରା କିନ୍ତୁ ନିଶ୍ଚୟ ଆପଣଙ୍କୁ ଭୟଭୀତ କରିବ । ଏଠାରେ ଜୀବନ୍ତ ବ୍ୟକ୍ତିକୁ କବର୍ ଦିଆଯାଏ । ହଭାନାରେ ବୁଜି (ମଦ) ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଏ ଅବସରରେ ଜୀବନ୍ତ ବ୍ୟକ୍ତିକୁ କବର୍‌ରେ ବନ୍ଦ କରି ଦିଆଯାଏ । ଏହା ପରେ ଶୋଭାଯାତ୍ରା କରି ତାକୁ ରାସ୍ତାରେ ବୁଲାଯାଏ । କବର୍ ପଛରେ ଖୁବ୍ ଜନସମାଗମ ହୋଇଥାଏ । ମଦ ନିଶାରେ ସେମାନେ ତାଳି ମାରି ନାଚି ନାଚି ଚାଲୁଥାନ୍ତି । କେବଳ ସେତିକି ନୁହେଁ, ଧଳା କେଶ ଥିବା ଜଣେ ମହିଳା ଉକ୍ତ ବ୍ୟକ୍ତିର ବିଧବା ସାଜନ୍ତି । ଜଣେ ପ୍ରକୃତ ବିଧବା ଯାହା କରେ, ଏ ବିଧବା ଠିକ୍ ସେହିପରି କରନ୍ତି । ଏହି ପର୍ବ ଗତ ୩୦ ବର୍ଷରୁ ପାଳିତ ହୋଇଆସୁଛି । ପ୍ରତିବର୍ଷ ୫ ଫେବ୍ରୁଆରୀରେ ଆୟୋଜିତ ଏହି ପର୍ବ 'ବରିଆଲ୍ ଅଫ୍ ପାଚେନ୍‌ଚୋ' ନାମରେ ବେଶ୍ ଜଣାଶୁଣା । ଥିଏଟର୍‌ରୁ ଏହି ନାମ ଆସିଛି । ଏଠାରେ ବଂଚିବା କଷ୍ଟ । ସେଥିପାଇଁ ଲୋକେ ଏହି ପର୍ବକୁ ସଂଘର୍ଷ ସହ ମଧ୍ୟ ଯୋଡ଼ିଥାନ୍ତି ।

ପ୍ରେମିକା ପାଇଁ ଟଙ୍କାର ଗୋଲାପ

କୁହାଯାଏ 'ଟଙ୍କା ଦ୍ୱାରା ପ୍ରେମ ଖରିଦ କରିହୁଏନା । ଏହାକୁ ଭୁଲ୍ ପ୍ରମାଣିତ କରିଛନ୍ତି ଚିନା ସଫ୍‌ଟୱେର୍ ପ୍ରୋଗ୍ରାମ୍‌ର ଚେନ୍ ଲି । ଅସଲି ବ୍ୟାଙ୍କ ନୋଟ୍‌ରେ ୯୯୯ଟି ଗୋଲାପ ଫୁଲ ତିଆରି କରି ଏବଂ ସେଗୁଡ଼ିକୁ ନିଜର ଜନୈକା ପରିଚିତ ବାନ୍ଧବୀଙ୍କୁ ଦେଇ, ତାଙ୍କ ପ୍ରେମ କିଣିବାରେ (କିଣିବାରେ !) ସଫଳ ହୋଇଛନ୍ତି ଚେନ୍ । ଚେନ୍ ବାନ୍ଧବୀଙ୍କୁ ବେଶ୍ କିଛି ଦିନ ହେଲା ପ୍ରେମ କରୁଛନ୍ତି । କିଛି ଦିନ ତଳେ ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, ତାଙ୍କ ପିତା-ମାତାଙ୍କ ଉପସ୍ଥିତିରେ । ଚେନ୍‌ଙ୍କର ନିଜର ଘର ଓ କାର୍ ନଥିବାରୁ ବାନ୍ଧବୀଙ୍କ ପିତା-ମାତା ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ ଏବଂ ବାନ୍ଧବୀ ଜଣକ ମଧ୍ୟ ମୁହଁ ଖୋଲି ନଥିଲେ । ସେମାନଙ୍କର ସଂପଦ-ପ୍ରେମ ବିସ୍ମିତ କରିଥିଲା ଚେନ୍‌ଙ୍କୁ । ସେ କିଛି ନ କହି ଫେରିଆସି, ନିଜର ବ୍ୟାଙ୍କ୍ ଜମା ଖାଲି କରିଦେଇଥିଲେ । ଦୁଇଲକ୍ଷ ୟୁଆନ୍‌ର ବ୍ୟାଙ୍କ୍ ନୋଟ୍ ଧରି କାମରେ ଲାଗିଥିଲେ । ଦୁଇ ଦୁଇଟି ନୋଟ୍ ବ୍ୟବହାର କରି ସେ ଗୋଟିଏ ଗୋଟିଏ ଗୋଲାପ ଗଢ଼ିଥିବା ଜଣାଯାଏ । ୯୯୯ ଗୋଲାପ ଗଢ଼ିବାକୁ ଲାଗିଥିଲା ମୋଟ ଚାରିଦିନ । ବାନ୍ଧବୀଙ୍କ ଜନ୍ମ ଦିନରେ ତାଙ୍କୁ ସେଗୁଡ଼ିକ ଉପହାର ଦେବାରୁ ସେ ସଂଗେ ସଂଗେ ବିବାହ ପାଇଁ ରାଜି ହୋଇଯାଇଥିଲେ ।

ଅଦ୍ଭୁତ ମାଛ

କାଚ ମାଛ: ଏହି ମାଛ ସାଧାରଣତଃ ଭାରତ ଓ ମିୟାନ୍‌ମାର୍ (ବର୍ମା)ରେ ଦେଖାଯାଆନ୍ତି । ଏହାକୁ 'ଚନ୍ଦା ରଙ୍ଗ' ମଧ୍ୟ କୁହାଯାଏ । ଏହି ମାଛର ଲମ୍ବ ୧୫ସେ.ମି. । କାଚ ଭଳି ସ୍ୱଚ୍ଛ ଓ ସରୁ ଶରୀର ଥିବା କାଚ ମାଛ ସମ୍ପୂର୍ଣ୍ଣ ମାଂସାହାରୀ । ବଡ଼ପାର୍ଟି ଓ ଲମ୍ବାଳିଆ ମୁଣ୍ଡ ଥିବା କାଚ ମାଛ ଉଭୟ ମଧୁର ଓ ଲୁଣିଆ ଜଳରେ ଦେଖାଯାଆନ୍ତି । କାଚ ଘର ବା ଆକ୍ୱାରିୟମ୍ ମାଛ ରୂପେ ଏହା ବହୁଳ ଭାବରେ ପାଳନ କରାଯାଏ ।

ସୁନା ମାଛ: ଏହା ଫିକା ବାଦାମୀ ଜାତି ଥିବା ସୁନେଲି ହଳଦିଆ ରଙ୍ଗର ମାଛ । ଏହାର ବିଜ୍ଞାନ ନାମ ଟ୍ରାଇକୋଗାସ୍‌ଟର୍ ଟ୍ରାଇକୋପ୍‌ଟେରସ୍ । ଏହା ମୂଳତଃ ଦୂର-ପ୍ରାଚ୍ୟ ଅଂଚଳର ମାଛ ଓ ଚୟନ ସଙ୍କରଣ ଦ୍ୱାରା ସୃଷ୍ଟି କରାଯାଏ । ସିନେଲି ମାଛକୁ ଅନେକ ଦିନ ଧରି ଅନ୍ଧାରୁଆ ଘରେ ରଖିଲେ ଶରୀରର ରଙ୍ଗ ବଦଳି ଧଳା ହୋଇଯାଏ ।

ଚାନ୍ଦିଗଛ

ଚାନ୍ଦି ଗଛ ଦେଖିଛନ୍ତି ? ଧଳା ରଙ୍ଗର ଏହି ଗଛ ଏତେ ଜୋର୍‌ରେ ଚିକ୍‌ମିକ୍ କରେ ଯେ ପୂରା ଜଙ୍ଗଲ ଆଲୋକିତ ହୋଇଯାଏ । ମାତ୍ର ଦୁଃଖର କଥା, ଦିନକୁ ଦିନ ଏ ଗଛ ଲୋପ ପାଇବାରେ ଲାଗିଛି । ଔଷଧୀୟ ବୃକ୍ଷ କୁଲୁ ବିଷୟରେ ଆମେ କହୁଛୁ, ଯାହା ଛତିଶଗଡ଼ ଜଙ୍ଗଲରେ ଦେଖାଯାଏ । ଗଛର ଡାଳ ଚାନ୍ଦି ଭଳି ଚିକ୍‌ମିକ୍ କରେ । ଅପରୂପ ସୌନ୍ଦର୍ଯ୍ୟ ପାଇଁ ଇଂରେଜମାନେ 'ଲେଡି ଲେଗ୍' (ଗୋରୀ ମେମ୍‌ଙ୍କ ଗୋଡ଼) ସହ ଏହାର ତୁଳନା କରୁଥିଲେ । ଏହାଛଡ଼ା କୁଲୁ ବିଷୟରେ ଆହୁରି ଅନେକ ରହସ୍ୟମୟୀ କଥା ରହିଛି, ଯାହା ଶୁଣି ଆପଣ ଆଶ୍ଚର୍ଯ୍ୟ ହେବେ । କାରଣ ରାତିରେ ଅଜବ୍ ପ୍ରକାର ଭୟ ସୃଷ୍ଟି କରୁଥିବାରୁ ଏହାକୁ ଭୂତ ଗଛ ମଧ୍ୟ କୁହାଯାଏ । ବୈଜ୍ଞାନିକଙ୍କ ଅନୁସାରେ, ଔଷଧୀୟ ଗୁଣ ଯୋଗୁ ବିଦେଶରେ ଏଇ ଗଛର ଚାହିଦା ବହୁତ ବେଶୀ । ଏଥିପାଇଁ ଧୀରେ ଧୀରେ କୁଲୁ ଗଛ ଲୋପ ପାଇଚାଲିଛି ।



ମରୁଭୂମି ମହୋତ୍ସବ

ରାଜସ୍ଥାନର ଜୈସଲ୍‌ମର୍‌ରେ ଆଜିଠୁ ଆରମ୍ଭ ହେଉଛି ମରୁଭୂମି ମହୋତ୍ସବ । ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ପ୍ରତିବର୍ଷ ଏହି ପାରମ୍ପରିକ ମହୋତ୍ସବ ଆୟୋଜିତ ହୋଇଥାଏ । ମହୋତ୍ସବରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଦେଶବିଦେଶର ପର୍ଯ୍ୟଟକମାନେ ଭାଗ ନେଇଥାନ୍ତି । ଏ ଅବସରରେ ଲୋକନୃତ୍ୟ, କଣ୍ଢେଇ ନୃତ୍ୟ, ପାରମ୍ପରିକ ସଙ୍ଗୀତ,ପୋଷା ଜବୀଜନ୍ତୁଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ଓଟ ନୃତ୍ୟ ମହୋତ୍ସବର ମୁଖ୍ୟ ଆକର୍ଷଣ ହୋଇଥାଏ । ଏହାଛଡ଼ା ନିଶ ପ୍ରତିଯୋଗିତା ମହୋତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହୋତ୍ସବରେ ପ୍ରବଳ ଜନସମାଗମ ହେବ ବୋଲି ପର୍ଯ୍ୟଟନ ବିଭାଗର ଡେପୁଟି ନିର୍ଦ୍ଦେଶକ ବିକାଶ ପାଣ୍ଡେ କହିଛନ୍ତି । ପୁନମ୍ ସିଂହ ଷ୍ଟାଡିୟମ୍ ଏବଂ ସାମ୍ ଡୁନ୍‌ସରେ କଳାକାରଙ୍କ ଦ୍ୱାରା ଲୋକକଳାର ସିଧାପ୍ରସାରଣ ହେବ ।

ପୃଥିବୀର ପ୍ରଥମ ଏନ୍‌ଏଫ୍‌ସି କମ୍ପ୍ୟୁଟର

ଭାରତକୁ ଆସିଛି ଏନ୍‌ଏଫ୍‌ସି କମ୍ପ୍ୟୁଟର । ଇଲେକ୍‌ଟ୍ରୋନିକ୍ସ ଦ୍ରବ୍ୟ ତିଆରି କରୁଥିବା କମ୍ପାନି ଆସସ୍ ଆଗାମୀ ପିଢ଼ିର ଏହି ଡେସ୍କଟପ୍ କମ୍ପ୍ୟୁଟରକୁ 'ଆସସ୍ ଏମ୍‌୭୦ଏଡି' ନାମ ଦେଇଛି । ଏହାର ମୂଲ୍ୟ ରହିଛି ୬୨ ହଜାର ଟଙ୍କା । କମ୍ପ୍ୟୁଟର ଦୁନିଆରେ ଦି'ପାଦ ଆଗରେ ଥିବା ଏହି ଡେସ୍କଟପ୍ କମ୍ପ୍ୟୁଟର୍‌ର ବିଶେଷତ୍ୱ ହେଉଛି, ଏଥିରେ ଏନ୍‌ଏଫ୍‌ସି କୌଶଳ ଦିଆଯାଇଛି । ମୋବାଇଲ, ଟ୍ୟାବ୍‌ଲେଟ୍ କିମ୍ବା ଲାପଟପ୍ ଭଳି ହାତରେ ଧରୁଥିବା ଡିଭାଇସ୍ ସହ ବିନା ତାରରେ ଏହାକୁ ଯୋଡ଼ାଯାଇ ପାରେ । କମ୍ପାନି ପକ୍ଷରୁ କମ୍ପ୍ୟୁଟରରେ ଆଧୁନିକ ପିଢ଼ିର ଇଂଟେଲକୋର୍ ପ୍ରୋସେସର୍ ତଥା ମ୍ୟାକ୍ସ ଅଡିଓ ଦିଆଯାଇଛି । ଏହା କମ୍ପ୍ୟୁଟର୍ ଗତିକୁ ଆହୁରି ବଢ଼ାଇବା ସହ ଉତମ ସାଉଣ୍ଡ କ୍ୱାଲିଟି ଦିଏ । ତା'ଛଡ଼ା ଏଥିରେ ନାଭିଡିୟା ଜିଫୋର୍ସ୍, ଜିପିୟୁ ଗ୍ରାଫିକ୍ କାର୍ଡ, ଆସସ୍ ସୋନିକ୍ ମାଷ୍ଟର୍ ତଥା ଅଡିଓ ୱିଜାର୍ଡ ଇଂଟରଫେସ୍ ଦିଆଯାଇଛି, ଯାହା ଭିନ୍ନ ଭିନ୍ନ ମୋଡ୍‌ରେ ସଙ୍ଗୀତ, ଚଳଚ୍ଚିତ୍ର, ଗେମ୍, ଭିଡିଓ ରେକର୍ଡ କରିପାରେ । ତା'ଛଡ଼ା ଶବ୍ଦକୁ ଅଲଗା ଅଲଗା ମୋଡ୍‌ରେ ସଂଚାଳନ କରିବାର ସୁବିଧା ମଧ୍ୟ ପ୍ରଦାନ କରେ । ଆସସ୍ ଏମ୍‌୭୦ଏଡି କମ୍ପ୍ୟୁଟରରେ ୟୁପିଏସ୍ ଦିଆଯାଇଛି, ବିଜୁଳି ନଥିବା ସମୟରେ ଏହାକୁ କାମରେ ଲଗାଯାଇ ପାରିବ ।

ପୋଷା ଜନ୍ତୁଙ୍କ ମମ୍ମି

ମୃତ୍ୟୁ ପରେ ମମ୍ମି ହେବାକୁ ଚାହିଁବେ ? ମିଶର୍‌ର ମମ୍ମି ବିଷୟରେ ଆମେ କହୁଛୁ । ଉଟାହରେ ସମମ୍ ନାମକ କମ୍ପାନି ୩୦ ବର୍ଷର ପରିଶ୍ରମ ପରେ ମୃତ ଶରୀରକୁ ମମିରେ ବଦଳାଇବା ଉପାୟ ଆବିଷ୍କାର କରିଛି । ମୃତ୍ୟୁ ପରେ ଲୋକଙ୍କୁ ସୁରକ୍ଷିତ ରଖିବାକୁ ଏଇ କମ୍ପାନି ଦାବି କରିଛି । କେବଳ ମଣିଷ ନୁହେଁ, ପୋଷା ଜନ୍ତୁଙ୍କ ମମ୍ମି ମଧ୍ୟ ଏଠାରେ ତିଆରି ହେଉଛି । ପ୍ରାୟ ୧,୫୦୦ ଜଣ ଲୋକ କମ୍ପାନି ସହ ଏ ବିଷୟରେ ସମ୍ପର୍କ କରି ସାରିଛନ୍ତି । ମିଶର୍‌ବାସୀ ପୁନର୍ଜନ୍ମରେ ବିଶ୍ୱାସ କରୁଥିବାରୁ ମୃତ୍ୟୁ ପରେ ବ୍ୟକ୍ତିର ମମ୍ମି ତିଆରି କରାଯାଉଥିଲା । ପୁନର୍ଜନ୍ମ ପରେ ବ୍ୟକ୍ତିର ଯେମିତି କିଛି ଅସୁବିଧା ନ ହେବ, ସେଥିପାଇଁ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମଧ୍ୟ ତା' ପାଖରେ ରଖାଯାଏ । ମମ୍ମି ତିଆରି କରିବା ପୂର୍ବରୁ ମୃତ ଶରୀରକୁ ଭଲ ଭାବେ ଧୋଇ ଦିଆଯାଏ । ଏଥିରେ ନୀଳନଦୀ ପାଣି ଏବଂ ମଦ ବ୍ୟବହାର କରାଯାଏ । ଏହାଦ୍ୱାରା ଶରୀର ଶୁଦ୍ଧ ହୁଏ ବୋଲି ସେମାନଙ୍କ ବିଶ୍ୱାସ । ଏବେ ମୃତ ବ୍ୟକ୍ତିର ମମ୍ମି ତିଆରି କରିବାକୁ କମ୍ପାନିକୁ ୯୦ ଦିନ ସମୟ ଲାଗୁଛି । ଏହି ପ୍ରକ୍ରିୟାରେ ଶରୀରରୁ ଅଙ୍ଗକୁ ବାହାର କରି ପରିଷ୍କାର କରାଯାଏ । ଏହା ପରେ ଶରୀରକୁ ୭୦ ଦିନ ପର୍ଯ୍ୟନ୍ତ ରସାୟନରେ ଭର୍ତି ଡ୍ରମ୍‌ରେ ରଖାଯାଏ । କମ୍ପାନିର ଜଣେ କର୍ମକର୍ତାଙ୍କ ଅନୁସାରେ, ପୂର୍ବେ ଲୋକେ ମୃତ ଶରୀରକୁ ସମ୍ପୂର୍ଣ୍ଣ ଶୁଖାଇ ଦେଉଥିଲେ । ଏହା ଦ୍ୱାରା ଶରୀର ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହେ ବୋଲି ସେମାନଙ୍କ ଧାରଣା । ମାତ୍ର କମ୍ପାନିର ପ୍ରକ୍ରିୟା ସମ୍ପୂର୍ଣ୍ଣ ଭିନ୍ନ । ବିରାଡ଼ିଙ୍କ ମମ୍ମି ୬ ହଜାର ଡଲାର, କୁକୁର ମମ୍ମି ୨୫ ହଜାର ଡଲାର ଏବଂ ମଣିଷର ମମ୍ମି ପ୍ରାୟ ୬୭ ହଜାର ଡଲାରରେ କମ୍ପାନି ପକ୍ଷରୁ ପ୍ରସ୍ତୁତ ହେଉଛି ।

ପାଣି ତଳେ ସଂଗ୍ରହାଳୟ

ପାଣି ତଳେ ସଂଗ୍ରହାଳୟ ବିଷୟରେ କେବେ କଳ୍ପନା କରିଛନ୍ତି ? ମେକ୍ସିକୋରେ ଅଛି ଏହି ସଂଗ୍ରହାଳୟ । ଏହାର ନାମ 'କାନକନ୍ ଅଣ୍ଡରୱାଟର ମ୍ୟୁଜିୟମ୍' । ଏଠାରେ ମୂର୍ତିଗୁଡ଼ିକର ସିରିଜ୍ ରହିଛି, ଯାହାକୁ ଜାସନ୍ ଡିକେରିଜ୍ ଟେଲର୍ ତିଆରି କରିଥିଲେ । ଏହି ପ୍ରୋଜେକ୍ଟ ୨୦୦୯ ମସିହାରେ ଆରମ୍ଭ ହୋଇଥିଲା । ସେତେବେଳେ ପ୍ରାୟ ୧୦୦ ମୂର୍ତିକୁ କାନକନ୍ ନ୍ୟାସନାଲ୍ ମେରାଇନ୍ ପାର୍କର ଶାଲୋ ୱାଟର୍‌ରେ ରଖାଯାଇଥିଲା । ମାତ୍ର ଝଡ଼ ଯୋଗୁ ମୂର୍ତିଗୁଡ଼ିକ ନଷ୍ଟ ହୋଇଯାଇଥିଲା । ପରେ ଏଚ୍‌ପି-ନ୍ୟୁଟ୍ରାଲ୍ ମେରାଇନ୍ କଙ୍କ୍ରିଟ୍‌ରେ ନୂଆ ମୂର୍ତି ନିର୍ମାଣ କରାଯାଇଛି । ଦେଖିଲେ ଲାଗିବ ମୂର୍ତିଗୁଡ଼ିକ ଯେମିତି ଆପଣଙ୍କ ସହ କଥା ହେବାକୁ ବ୍ୟାକୁଳ ହେଉଛନ୍ତି । ହାରାହାରି ୧,୬୦୦ ସ୍କ୍ୱୋୟାର ଫୁଟରେ ବିସ୍ତୃତ ଏହି ମ୍ୟୁଜିୟମ୍‌ର ପ୍ରତ୍ୟେକ ମୂର୍ତିର ଓଜନ ୧୨୦ ଟନ୍ ।

ସ୍ପାଇକ୍ ଏରୋସ୍ପେସ୍ ଏସ୍-୫୧୨ ବିମାନ ପୃଥିବୀର ପ୍ରଥମ ସୁପର୍‌ସୋନିକ୍ ବିଜନେସ୍ ଜେଟ୍ ହେବାକୁ ଯାଉଛି ବୋଲି କମ୍ପାନି ଦାବି କରିଛି । ଏହା ଦ୍ୱାରା ବ୍ୟସ୍ତବହୁଳ ଜୀବନ ବିତାଉଥିବା କୋଟିପତିମାନେ ଅଧାରୁ କମ୍ ସମୟରେ ନିଜ ଗନ୍ତବ୍ୟସ୍ଥଳରେ ପହଂଚିପାରିବେ । ଏହି ବିମାନ ସେମାନଙ୍କୁ ମାତ୍ର ୪ ଘଂଟାରେ ଲଣ୍ଡନ୍‌ରୁ ମୁମ୍ବାଇରେ ପହଂଚାଇ ପାରିବ । ସେତିକି ନୁହେଁ, ନ୍ୟୁୟର୍କରୁ ଲଣ୍ଡନ୍ ୩ ଘଂଟା, ଲସ୍ ଆଞ୍ଜେଲସ୍‌ରୁ ଟୋକିଓକୁ ୫ ଘଂଟାରେ ପହଂଚାଇ ଦେବାକୁ ସେ ଦାବି କରିଛି । ବିମାନର ଭଡ଼ା ରହିବ ୬୦ରୁ ୮୦ ମିଲିଅନ୍ ଡଲାର୍ । ଏଥିରେ କୌଣସି ମୁଖ୍ୟ ଝରକା ରହିବ ନାହିଁ, ବରଂ ଆଭ୍ୟନ୍ତରୀଣ ଝରକାଗୁଡ଼ିକ ପତଳା ଡିସ୍‌ପ୍ଲେ ସ୍କ୍ରିନ୍‌ରେ ଢଙ୍କାଯିବ । ଏହି ସ୍କ୍ରିନ୍‌ରେ ଯାତ୍ରୀମାନେ ବାହାର ଦୃଶ୍ୟ ମନଭରି ଉପଭୋଗ କରିପାରିବେ ।

ଲଣ୍ଡନ୍‌ରୁ ମୁମ୍ବାଇ ୪ ଘଂଟା

ଜଳ ନୁହେଁ ଜୀବନ

ଜଳ ହିଁ ଜୀବନ । ଏଠାରେ କିନ୍ତୁ ମାମଲା ସମ୍ପୂର୍ଣ୍ଣ ଓଲଟା । ଇଂଲଣ୍ଡର ରିପ୍ଲେ ବାସିନ୍ଦା ୨୬ ବର୍ଷୀୟା ରଚେଲ୍ ପ୍ରିନ୍ସଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ପାଣି । ଦେହରେ ବୁନ୍ଦାଏ ପାଣି ପଡ଼ିଲେ ତାଙ୍କର ଆଲର୍ଜି ହୋଇଯାଏ । ସମ୍ପୂର୍ଣ୍ଣ ଶରୀରରେ ଲାଲ୍ ଲାଲ୍ ଚିହ୍ନ ହୋଇଯାଏ । ଅସହ୍ୟ ଯନ୍ତ୍ରଣା ମଧ୍ୟ ହୁଏ । ଆକ୍ୱାଜେନିକ୍ ପ୍ରୁରିଟିସ୍ ନାମକ ରୋଗରେ ସେ ପୀଡ଼ିତ । ବିଶ୍ୱରେ ଏ ପର୍ଯ୍ୟନ୍ତ ୩୫ ଜଣ ଏ ରୋଗରେ ପୀଡ଼ିତ, ସେମାନଙ୍କ ମଧ୍ୟରୁ ରଚେଲ୍ ଜଣେ । ଏଥିପାଇଁ ଅଧିକ ସମୟ ପର୍ଯ୍ୟନ୍ତ ସେ ଗାଧୋଇ ପାରିବେନି କି ଥଣ୍ଡା ପାଣି ମଧ୍ୟ ପିଇପାରିବେ ନାହିଁ । ଏଭଳି ଦୁର୍ଲଭ ରୋଗ ପାଇଁ ଘରୁ ବାହାରିବା ପୂର୍ବରୁ ସେ ଶହେ ଥର ଚିନ୍ତାକରନ୍ତି । ଝାଳ, ଲୁହ ଏମିତିକି ନିଜ ରକ୍ତ ତାଙ୍କ ଚର୍ମ ସଂସ୍ପର୍ଶରେ ଆସିଲେ ମଧ୍ୟ ଆଲର୍ଜି ହୋଇଥାଏ । ୧୨ ବର୍ଷ ବୟସରେ ଏହି ରୋଗ ବିଷୟରେ ରଚେଲ୍ ଜାଣିପାରିଲେ । ଧୀରେ ଧୀରେ ରୋଗ ବଢ଼ିବାକୁ ଲାଗିଲା । ଏବେ ପାଣିଠୁ ଦୂରେଇ ରହିବା ସେ ଶିଖିଯାଇଛନ୍ତି ।

ଜୋତା କହିବ ରାସ୍ତା

ଏବେ ରାସ୍ତା ସମ୍ପର୍କରେ ସୂଚନା ଦେବ ଜୋତା । ଅନିରୁଦ୍ଧ ଶର୍ମାଙ୍କ ଦ୍ୱାରା ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଇଛି । ଜୋତାର ନାମ ରହିଛି 'ଲେ ଚଲ୍'(ନେଇ ଚାଲ୍) । ଆଣ୍ଡ୍ରଏଡ୍ ଫୋନ୍ ସହ ଏହାକୁ ସଂଯୁକ୍ତ କରାଯାଇଛି । ରାସ୍ତା ଆଗକୁ ଅଛି କି ନାହିଁ, ଟ୍ରାଫିକ୍, ବାଧାବିଘ୍ନ ଓ ଦିଗ ସମ୍ପର୍କରେ ଆପଣ ଇୟରଫୋନ୍ ସହାୟତାରେ ଜାଣିପାରିବେ । ଏଥିପାଇଁ ପ୍ରଥମେ ଯିବାକୁ ଥିବା ସ୍ଥାନର ନାମ ଫୋନ୍‌ରେ ଫିଡିଂ କରିବାକୁ ହେବ । ଏହାପରେ ମ୍ୟାପ୍ ଦ୍ୱାରା ସେ ଉଚିତ୍ ସ୍ଥାନରେ ଆପଣଙ୍କୁ ପହଂଚାଇଦେବ । ଦୃଷ୍ଟିହୀନଙ୍କ ପାଇଁ ଏହା ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟ କରିବ ବୋଲି କମ୍ପାନି ପ୍ରକାଶ କରିଛି ।

କେନ୍ଦ୍ରାପଡା ଜିଲ୍ଲା ଓସ୍ତପୁର କୃଷି ସମବାୟ ସମିତିର ଦ୍ୱିତୀୟ ବାର୍ଷିକୀ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୪/୦୬ (ଭିମସେନ୍) : କେନ୍ଦ୍ରାପଡା ଜିଲ୍ଲା ଓସ୍ତପୁର କୃଷି ସମବାୟ ସମିତିର ଦ୍ୱିତୀୟ ବାର୍ଷିକୀ ବୈଠକ ଶନିବାର ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ସମିତି ସଭାପତି ପ୍ରଦ୍ୟୁମ୍ନକୁମାର ଜେନା ସଭାପତିତ୍ୱ କରି କହିଲେ ଏହି ସମବାୟ ସମିତିରେ ନିୟମିତ ଭାବେ ସାର, ବିହନ କୃଷକ ମାନଙ୍କୁ ସରକାରୀ ଦରରେ ଯୋଗାଇ ଦିଆଯାଉଛି । ଯାହା ଫଳରେ ଓସ୍ତପୁର ଓ କଂସାର ଦୁଇଟି ପଂଚାୟତର ୮ ହଜାରରୁ ଉର୍ଦ୍ଧ୍ୱ ଚାଷୀ ବିଶେଷ ଭାବେଉପକୃତ ହେଉଛନ୍ତି । ଚାଷୀମାନଙ୍କୁ ଜୈବିକ ସାର ବ୍ୟବହାର କରିବା ପାଇଁ ସଭାପତି ଉପଦେଶ ଦେଇଥିଲେ । ଗୋପାଳନ ଛେଳି ମେଣ୍ଢା ଗାଇ,କୁକୁଡ଼ା, ଘୁସୁରି, ଦ୍ୱାରା ଜୈବିକ ସାର ସୃଷ୍ଟିହୋଇପାରିବ । ଫଳରେ ରାସାୟନିକ ସାର ର ପରିମାଣ ଜମିରେ କମ ପ୍ରୟୋଗ ହେବ ତେଣୁ ଚାଷୀମାନେ ଗୋପାଳନ ପରାମର୍ଶ ଦେଇଥିଲେ,ସେହିପରି ଏହି ସମିତିରେ ଥିବା ମିନି ବ୍ୟାଙ୍କ ଚାଷୀମାନଙ୍କୁ ଋଣ ପ୍ରଦାନ କରିବାରେ କିପରି ସହାୟକ ହେଉଛି ତାହା ସେ ବର୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମିତିର ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ କହିଲେ ସମିତି କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତିସ୍ଥାପନ କରାଯିବ, ସେହିପରି ବର୍ଷ ମାନ ବାୟୁ ମଣ୍ଡଳ ଉତପ୍ତ ହେଉଥିବାରୁ ଚାରା ରୋପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ ଏହି ପଂଚାୟତ ସମେତ ଆଖପାଖ ପଂଚାୟତରେ ଥିବା ଖାଲି ସ୍ଥାନ ଓ ଗୋଚର ଜମିରେ ଚାରା ରୋପଣ କରି ଅଂଚଳର ସବୁଜ ବଳୟ ସୃଷ୍ଟି କରାଯିବ । ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳଗ୍ୟାସ ପରିମାଣ ହ୍ରାସ ପାଇବ ସମିତି ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ରାଉତ, ନିର୍ଦ୍ଦେଶକ କବିଚନ୍ଦ୍ରବିଶ୍ୱାଳ, ନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତରାୟ, ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ବେହେରା, ନିର୍ଦ୍ଦେଶକ ବଂଶୀଧର ସାମଲ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପ୍ରଧାନ, ପ୍ରେମାଞ୍ଜନ ସାହୁ, ରଜନୀକାନ୍ତ ଲେଙ୍କା, ଚନ୍ଦ୍ରକାନ୍ତ ବେହେରାଓ ଓସ୍ତପୁରୁ ପଂଚାୟତ ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଜିମ୍ବାୱେ ୧୨୫ରେ ସଫା, ୪-୧ରେ ସିରିଜ ଜିତିଲା ଭାରତ

ନୂଆଦିଲ୍ଲୀ, ୧୪/୦୭ : ଶୁବମନ ଗିଲଙ୍କ ନେତୃତ୍ୱରେ ପ୍ରଥମଥର ଟି-୨୦ ସିରିଜ୍ କବଜା କରିଛି ଭାରତୀୟ ଟିମ । ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜକୁ ଟିମ ଇଣ୍ଡିଆ ୪-୧ରେ ଜିତି ନେଇଛି । ୫ମ ଟି-୨୦ ପୂର୍ବରୁ ହିଁ ଭାରତ ସିରିଜ୍‌କୁ ୩-୧ରେ ଜିତି ସାରିଥିଲା । ଆଜି ଶେଷ ମ୍ୟାଚ୍‌କୁ ମଧ୍ୟ ଦଳ ୪୨ରେ ବାଜିମାତ କରିଛି । ଏଥିସହ ଟି-୨୦ କ୍ରିକେଟରେ ବିଶ୍ୱ ବିଜେତା ଭାରତ ନିଜ ଦବଦବା ଅକ୍ଷୁଣ୍ଣ ରଖିବାକୁ ସକ୍ଷମ ହୋଇଛି । ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୭ ରନ କରିଥିଲା । ଦଳ ପାଇଁ ସଞ୍ଜୁ ସାମସନ ସର୍ବାଧିକ ୫୮ ରନର ଇନିଂସ ଖେଳିଥିଲେ । ୧୬୮ ରନର ପିଛା କରୁଥିବା ଘରୋଇ ଟିମ ଜିମ୍ବାୱେ ମୁକେଶ କୁମାରଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ୧୨୫ ରନରେ ଅଲଆଉଟ ହୋଇଯାଇଛି । ମୁକେଶ କୁମାର ୩.୩ ଓଭରରେ ୨୨ ରନ ଦେଇ ୪ ୱିକେଟ ନେଇଛନ୍ତି । ଏହା ତାଙ୍କ ଟି-୨୦ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ । ତେବେ ବ୍ୟାଟିଂରେ ୧୨ ବଲରେ ୨୬ ରନ ଓ ବୋଲିଂରେ ଦୁଇଟି ୱିକେଟ ନେଇଥିବା ଶିବମ ଦୁବେଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି । ସେହିପରି ପୂରା ସିରିଜରେ ଦମ ଦେଖାଇଥିବା ୱାଶିଂଟନ ସୁନ୍ଦରଙ୍କୁ ପ୍ଲେୟାର ଅଫ ଦି ସିରିଜ ଘୋଷଣା କରାଯାଇଛି । ୧୬୮ ରନକୁ ପିଛା କରୁଥିବା ଜିମ୍ବାୱେ ପ୍ରଥମ ଓଭରରେ ହିଁ ୱେସ୍‌ଲେ ମାଧେଭେରେଙ୍କୁ ହରାଇଥିଲା । ତାଙ୍କ ୱିକେଟ ମୁକେଶ କୁମାର ନେଇଥିଲେ । ବ୍ରାଏନ ବେନେଟ ୧୦ ରନ କରି ମୁକେଶ କୁମାରଙ୍କ ଦ୍ୱିତୀୟ ଶିକାର ବନିଥିଲେ । ତେବେ ତୃତୀୟ ୱିକେଟ ପାଇଁ ତାଦିୱାନାଶେ ମାରୁମାନୀ ଓ ଡିଓନ ମେୟର୍ସ ସ୍ଥିତି ସମ୍ଭାଳି ଦ୍ରୁତଗତିରେ ରନ ସଂଗ୍ରହ କରିଥିଲେ । ଦଳୀୟ ସ୍କୋର ୫୯ ଥିବା ବେଳେ ମାରୁମାନୀ ୨୭ ରନ କରି ୱାଶିଂଟନ ସୁନ୍ଦରଙ୍କ ବଲରେ ଆଉଟ ହୋଇଥିଲେ । ସେହିପରି ମେୟର୍ସ ୩୨ ବଲରେ ୩୪ ରନ କରି ଶିବମ ଦୁବେଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ । ଜୋନାଥନ କ୍ୟାମ୍ପବେଲଙ୍କ ସହ ବୁଝାମଣା ଅଭାବରୁ ଅଧିନାୟକ ସିକନ୍ଦର ରାଜା ମାତ୍ର ୮ ରନ କରି ରନ ଆଉଟ ହୋଇଥିଲେ । ଏହାପରେ କ୍ୟାମ୍ପବେଲ ୪ ରନ କରି ଦୁବେଙ୍କ ଦ୍ୱିତୀୟ ଶିକାର ବନିଥିଲେ । କ୍ଲାଏଭ ମାଣ୍ଡାଡେ(୧) ମଧ୍ୟ ବେଶ କିଛି ପାରି ନଥିଲେ । ତାଙ୍କୁ ଅଭିଷେକ ଶର୍ମା ଆଉଟ କରିଥିଲେ । ବ୍ରାଣ୍ଡନ ମାଭାଉତ ୱିକେଟ ତୁଷାର ଦେଶପାଣ୍ଡେଙ୍କ ପାଖକୁ ଯାଇଛି । ଫର୍ଜ ଆକରମ ୧୩ ବଲରେ ବିସ୍ଫୋରଣ ୨୭ ରନ କରିବାରୁ ଦଳ ୧୨୦ ରନ ପାର କରିବାକୁ ସକ୍ଷମ ହୋଇଥିଲା । ତାଙ୍କୁ ୧୯ତମ ଓଭରର ୨ ଦ୍ୱିତୀୟ ବଲରେ ମୁକେଶ କୁମାର ଆଉଟ ଜିମ୍ବାୱେର ସବୁ ଆଶାରେ ପାଣି ପକାଇ ଦେଇଥିଲେ । ପରବର୍ତୀ ବଲରେ ସେ ରିଚାର୍ଡ ନାଗାରାଭା(୦)ଙ୍କୁ ବୋଲ୍ଡ କରି ଜିମ୍ବାୱେ ଇନିଂସକୁ ୧୨୫ରେ ଶେଷ କରି ଦେଇଥିଲେ । ଜିମ୍ବାୱେ ୧୨୫ ରନ ଅଲଆଉଟ ହୋଇଯିବାରୁ ଭାରତ ୪୨ ରନରେ ମ୍ୟାଚ୍‌କୁ ଜିତି ନେଇଛି ।

ଶିକ୍ଷକ ମହାସଂଘର ବାଲେଶ୍ୱର ସାଂସଦଙ୍କୁ ସ୍ମାରକପତ୍ର ପ୍ରଦାନ

ନୀଳଗିରି :, ୧୪/୦୬ (ପ୍ରଦୀପ୍ ପାତ୍ର) : ବିଦ୍ୟାଳୟ ମାନଙ୍କରେ ବାର୍ଷିକ ପରୀକ୍ଷା ସରିବାର କିଛିଦିନ ପରେ ପଡିଥାଏ ଗ୍ରୀଷ୍ମଛୁଟି । ଗ୍ରୀଷ୍ମଛୁଟି ଖୋଲିବା ମାତ୍ରେ ଆରମ୍ଭ ହୋଇଥାଏ ପଢାପଢି ।ତେଣୁ ଶିକ୍ଷକମନଙ୍କ ଉପରକୁ ଆସିଥାଏ ବିରାଟ ଦାଇତ୍ୱରବୋଝ ।ଏପଟେ ଶିକ୍ଷକମାନେ ତାଙ୍କ ଚାକିରି ଗତ ସମସ୍ୟାର ସମାଧାନ ପାଇଁ ଦୁନିଆ ଦୁର୍ଶ୍ଚିନ୍ତା ମଧ୍ୟରେ ଧାଇଁବୁଲୁଥାନ୍ତି ବିଧାୟକ ଏବଂ ମନ୍ତ୍ରୀମାନଙ୍କ ନିକଟକୁ । ସେହି କ୍ରମରେ ଆଜି ରବିବାର ନିଳଗିରି ବ୍ଲକ ନିୟମିତ ଲେଭେଲ-୫(ଏକ୍ସ-କ୍ୟାଡର) ଶିକ୍ଷକ ମହାସଂଘର କର୍ମକର୍ତା ଏବଂ ଶିକ୍ଷକ ମାନଙ୍କର ଏକ ପ୍ରତିନିଧି ଦଳ ସଂଘ ସଭାପତି ଅକ୍ଷୟ କୁମାର ଦାସ ଏବଂ ସମ୍ପାଦକ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ତାଙ୍କ ଗୋପିନାଥପୁର ବାସଭବନରେ ସୌଜନ୍ୟ ମୂଳକ ସାକ୍ଷାତ ପୂର୍ବକ ପୁଷ୍ପଗୁଚ୍ଛସହ ଚାରିଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ଶ୍ରୀଯୁକ୍ତ ଷଡଙ୍ଗୀ ନିଳଗିରି ବିଧାୟକ ଥିବା ସମୟରେ ଉକ୍ତ ଶିକ୍ଷକଙ୍କ ସହ ଓତପ୍ରୋତ ଭାବେ ଜଡିତରହି ଏମାନଙ୍କୁ ଇ.ଜି.ଏସ୍ ରୁ ଗଣଶିକ୍ଷକ ନିଯୁକ୍ତି ପାଇଁ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ । ପରବର୍ତୀ ସମୟରେ ଏମାନେ ନିୟମିତ ହେଲେସତ, କିନ୍ତୁ ସରକାର ଏମାନଙ୍କ ଠାରେ ଏକ୍ସ-କ୍ୟାଡର ଏବଂ ଓଟିଇଟି ନାମକ ପାବନ୍ଧି ଲଗାଇ ବହୁ ସୁବିଧାସୁଯୋଗ ପାଇବାରୁ ବଂଚିତ ରଖିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ମଧ ଶିକ୍ଷକମାନେ ଶ୍ରୀଯୁକ୍ତ ଷଡଙ୍ଗୀଙ୍କୁ ଭେଟିଥିଲେ । ସେତେବେଳେ ଶ୍ରୀଯୁକ୍ତ ଷଡଙ୍ଗୀ କହିଥିଲେକି ରାଜ୍ୟରେ ଆମ ସରକାର ନାହିଁ, ଆମ ସରକାର ଆସିଲେ ଆମେ ଏହାର ସମାଧାନ କରିପାରିବୁ । ବର୍ତମାନ ସେହି ସମୟ ଆସିଥିବାରୁ ଶିକ୍ଷକମାନଙ୍କ ମନରେ ଆଶାର ଆଲୋକ ଜଳିଉଠିଛି । ଶ୍ରୀଯୁକ୍ତ ଷଡଙ୍ଗୀ ମଧ୍ୟ ଉକ୍ତସମସ୍ୟା ଗୁଡିକର ସମାଧାନ ପାଇଁ ନର୍ଭର ପ୍ରତିସୃତିପ୍ରଦାନ କରିଛନ୍ତି । ସାକ୍ଷତ ସମୟରେ ସଭାପତି, ସମ୍ପାଦକଙ୍କସହ ଶିକ୍ଷୟିତ୍ରୀ ବାସନ୍ତୀ ନାୟକ, ମମତା ପଣ୍ଡା, ସୁବାସିନୀ ବିଶ୍ୱାଳ, ସୁଜାତା ଦାସ, ସଜନୀ ବାରିକ୍ ସମେତ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

ଅର୍ଗସନ୍ୟୁଜ୍ ଚ୍ୟାନେଲ ରିପୋର୍ଟର ପ୍ରଭାତକୁମାର ଲେଙ୍କାଙ୍କ ନାମରେ ୧ କୋଟି ଟଙ୍କାର ମାନହାନି ମକଦ୍ଦମା ରୁଜୁ

କେନ୍ଦ୍ରାପଡ଼ା, ୧୪/୦୬ (ଭିମସେନ୍) : ରାଜନଗରବ୍ଲକ ଅନ୍ତର୍ଭୁକ୍ତ, ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶ ବିଦେଶରେ ପରିବେଶପ୍ରେମୀ ପର୍ଯ୍ୟଟକଙ୍କର ପ୍ରଥମ ପସନ୍ଦ ପାଲଟିଛି ,ଭିତରକନିକାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ରହିବା ଓ ଖାଇବା ପାଇଁ,ଜାତୀୟ ଉଦ୍ୟାନ ଭିତରେ ବନବିଭାଗର, ରିସର୍ଟ ଓ କାଫେ ଥିବା ବେଳେ ବାହାରେ, ହୋମଷ୍ଟେ ଓ ହୋଟେଲ ଗଢିଉଠିଛି । ଭିତରକନିକା ନିକଟରେ ଥିବା ହୋଟେଲ ସ୍ୱାଦ ବିରୁଦ୍ଧରେ ଲଗାତର ଭାବେ ମିଛଖବର ପରିବେଷଣ ଉପରେ ମାନ୍ୟବରଅଦାଲତ ଗୁରୁତ୍ୱପୂର୍ଣ ରାୟ ଦେଇଛନ୍ତି, ଅର୍ଗସ ନ୍ୟୁଜ ଚ୍ୟାନେଲ ସ୍ୱାଦ ହୋଟେଲ ଓ ତାଙ୍କର ରେପ୍ୟୁଟେସନ ଉପରେ ମିଛ ଖବର ପ୍ରସାରଣ ଉପରେ ମାନ୍ୟବର ସିଭିଲ ଜଜ୍ ସିନିୟର ଡିଭିଜନ ପଟ୍ଟାମୁଣ୍ଡାଇ ପକ୍ଷରୁ ନିଷେଦ୍ଧାଜ୍ଞା ଜାରିକରାଯାଇଛି ବେଲେ ବଲେ ପରେ ହୋଟେଲ ସ୍ୱାଦ, ଆଉଜଣେ ବିଜେଡି ବିଧାୟକ ଧ୍ରୁବ ସାହୁ ହୋଟେଲରେ ବଡିମସାଜ, ସୁରାପାନ ଓ ଦେହ ବ୍ୟବସାୟ ଚାଲିଥିବା ନେଇ ଅର୍ଗସ ନ୍ୟୁଜରେ ଖବର ପ୍ରସାରଣ କରାଯାଇଥିଲା । ଏହି ହୋଟେଲ ଟିଭି ଚ୍ୟାନେଲ ଓ ପ୍ରତିନିଧିଙ୍କ ନାଁରେ ୧ କୋଟି ଟଙ୍କାର ମାନହାନୀ ମୋକଦ୍ଦମା ବିଧାୟକ ଧ୍ରୁବ ସାହୁଙ୍କର ନୁହେଁ, ଏଥିରେ ତାଙ୍କର କୌଣସି ସଂପୃକ୍ତି ନାହିଁ, ହୋଟେଲ ମୋ ସ୍ୱାମୀଙ୍କ ନାଁରେ ଥିବା ସ୍ଥିତିବାନ ସଙ୍ଗରେ ନିର୍ମାଣ ହୋଇଛି ହୋଟେଲରେ ନିୟମିତ ଜିଏସଟି ଦିଆଯାଉଥିବା ବେଳେ ଫୁଡ ଲାଇସେନ୍ସ ସମସ୍ତ କାଗଜ ପତ୍ର ଠିକ୍ ରହିଛି । ଅର୍ଗସ ନ୍ୟୁଜ ଚ୍ୟାନେଲ ମିଛ ଖବର ପ୍ରସାରଣ କରି ହୋଟେଲର ଓ ମୋର, ମୋ ସ୍ୱାମୀ ଏବଂ ମୋ ପରିବାର ସଦସ୍ୟଙ୍କର ସମ୍ମାନହାନୀ କରୁଥିବା ନେଇ ହୋଟେଲ ମାଲିକାଣି ପୁଷ୍ପଲତା ସ୍ୱାଇଁ ମାନ୍ୟବର ସିଭିଲ ଜଜ୍ ସିନିୟର ଡିଭିଜନ, ପଟ୍ଟାମୁଣ୍ଡାଇଙ୍କ ଦ୍ୱାରସ୍ତ ହୋଇଥିଲେ । ମାନ୍ୟବର କୋର୍ଟରେ ସି ଏସ୍ ନଂ ୨୧୫/୨୪ ସହିତ ମଧ୍ୟବର୍ତୀକାଳୀନ ଦରଖାସ୍ତ (ଇଂଟରିମ ଆପ୍ଲିକେସନ) ୧୭୬/୨୪ରେ ଦର୍ଶାଇଥିଲେ । ଅର୍ଗସ ନ୍ୟୁଜର କେନ୍ଦ୍ରାପଡା ଜିଲ୍ଲା ରିପୋର୍ଟର ପ୍ରଭାତଲେଙ୍କା, ଆସୋସିଏଟ ଏଡିଟର ଦୁର୍ଗାଶିଷସିସ୍ ଓ ତାଙ୍କର ସହଯୋଗୀ ବିକ୍ରମ ବାରିକଙ୍କ ନାଁରେ ମାନ୍ୟବର କୋର୍ଟରେ ୧ କୋଟି ଟଙ୍କାର ମାନହାନୀ ଓ କ୍ଷତିପୂରଣ ମୋକଦ୍ଦମା କରିଥିଲେ । ମାନ୍ୟବର ନ୍ୟାୟାଳୟ ଏହି ଆବେଦନ ଗ୍ରହଣ କରିବା ସହ ହୋଟେଲ ଓ ତାଙ୍କର ରେପୁଟେସନ ଖରାପ ଅର୍ଗସନ୍ୟୁଜ କରିପାରିବ ନାହିଁ ଅର୍ଗସ ନ୍ୟୁଜର କେନ୍ଦ୍ରାପଡା ଜିଲ୍ଲା ରିପୋର୍ଟର ପ୍ରଭାତଲେଙ୍କାଙ୍କୁ ମାନ୍ୟବର କୋର୍ଟ ତରଫରୁ ହୋଟେଲ ସଂପର୍କରେ ମିଛ ଖବର ପରିବେଷଣ ଉପରେ ନିଷେଦ୍ଧାଜ୍ଞା ଜାରି କରାଯାଇଛି,ଏଥିସହ ୨୭ ଜୁଲାଇରେ ହାଜର ହୋଇ ତାଙ୍କର ପକ୍ଷ ରଖିବାକୁ ମାନ୍ୟବର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଆଇନଜିବୀ ଭୀମସେନ ଭୂୟାଁ ଓ ତାଙ୍କ ସହଯୋଗୀ ଅର୍ପିତା ସ୍ୱାଇଁ, ଅରୂପପାତ୍ର, ଦେବଦତ ସେଠୀ ପ୍ରମୁଖ ଏହି ମାନହାନି ମକଦ୍ଦମା କେସର ମାମଲା ପରିଚାଳନା କରିଥିଲେ ।

ନନ୍ଦନକାନନକୁ ଆସିଲେ ୧୮ ନୂଆ ଅତିଥି

ଭୁବନେଶ୍ୱର, ୧୪/୦୭ : ନନ୍ଦନକାନନକୁ ଆସିଲେ ନୂଆ ଅତିଥି । ଶନିବାର ଭୁବନେଶ୍ୱର ଉପକଣ୍ଠ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ୧୮ ନୂଆ ଅତିଥି ଆସିଛନ୍ତି । ବାରଙ୍ଗ ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ରାଂଚିର ଭଗବାନ୍ ବିର୍ସା ପ୍ରାଣୀ ଉଦ୍ୟାନ ପାର୍କ ମଧ୍ୟରେ ଜୀବଜନ୍ତୁ ଅଦଳବଦଳ କରାଯାଇ ଏହି ନୂଆ ଅତିଥିଙ୍କୁ ଅଣାଯାଇଛି । ଏନେଇ କେନ୍ଦ୍ରୀୟ ପ୍ରାଣୀ ଉଦ୍ୟାନ ପ୍ରାଧିକରଣ ଅନୁମତି ଦେଇଥିବା ବେଳେ ମଙ୍ଗଳବାର ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ଅଦଳବଦଳ ପ୍ରକ୍ରିୟା ଜାରି ରହିଥିଲା । ମଙ୍ଗଳବାର ଦିନ ନନ୍ଦନକାନନରୁ ରାଂଚିକୁ ଜୀବଜନ୍ତୁକୁ ପଠାଯାଇଥିବା ବେଳେ ଶନିବାର ଦିନ ୧୮ ନୂଆ ଅତିଥିଙ୍କୁ ଯାଇଥିବା ଟିମ୍ ଫେରିଛି । ନନ୍ଦନକାନନ ପ୍ରାଣୀ ଉଦ୍ୟୋନକୁ ରାଂଚି ପ୍ରାଣୀ ଉଦ୍ୟାନରୁ ମେଲାନିଷ୍ଟିକ୍ ମାଈ ବାଘୁଣୀ, ସାଧାରଣ ମାଈ ବାଘୁଣୀ , ଷ୍ଟ୍ରିପଡ୍ ହାଏନା ,ଭାରତୀୟ ଝିଙ୍କ(ପୋର୍କୁପାଇନ୍) ଓ ନୀଳ ଗାଇ ଅଣାଯାଇଛି । ସେହିପରି ଜୀବଜନ୍ତୁ ଅଦଳ ବଦଳ ପ୍ରକ୍ରିୟାରେ ନନ୍ଦନକାନନରୁ ରାଂଚି ପ୍ରାଣୀ ଉଦ୍ୟାନକୁ ଗୋଟିଏ ଧଳା ବାଘୁଣି, ୪ଟି



ହରିଣ, ୨ ଟି ଭାରତୀୟ ଠେକୁଆ, ୨ଟି ଗ୍ରେ ପିଲିକାନ୍,୨୦ଟି ନାଇଟ୍ ହେରନ୍, ୨୦ଟି ବ୍ଲାକ୍ ହେଡ୍ ଆଇବିସିକୁ ସ୍ଥାନାନ୍ତର କରାଯାଇଛି । ଏହି ଜୀବନଜନ୍ତୁ ଅଦଳବଦଳ କାର୍ଯ୍ୟକ୍ରମରେ ନନ୍ଦନକାନନରେ ରୟାଲ୍ ବେଙ୍ଗଲ୍ ଟାଇଗର, ଷ୍ଟ୍ରିପଡ୍ ହାଏନ୍ , ଭାରତୀୟ ଝିଙ୍କ ଏବଂ ନୂଳଗାଇଙ୍କ ସଂଖ୍ୟା ବୃଦ୍ଧି ପାଇବ ।

ପଦ୍ମପୁର ୟୁଥ୍ ଫର ଡେଭଲପମେଂଟ ହେଲପିଂ ସୋସାଇଟି ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ

ରେମୁଣା, ୧୪/୦୬ (ଓଡ଼ିଶା ଖବର) : ରେମୁଣା ନିର୍ବାଚନ ମଣ୍ଡଳୀ ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଂଚାୟତର ୟୁଥ୍ ଫର ଡେଭଲପମେଂଟ ହେଲପିଂ ସୋସାଇଟି ପକ୍ଷରୁ ରକ୍ତ ଦାନ ଶିବିର ଇନ୍ଦିରା ମେମୋରିଆଲ କ୍ଲବରେ ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉଦଘାଟନ କରିଥିଲେ । ମହିଳା ନେତ୍ରୀ ଶୋଭନା ମହାନ୍ତି, କୃଷ୍ଣ ଚନ୍ଦ୍ର ସାହା,ବିପ୍ଳବ କେଶରୀ ଯାଦବ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସୋସାଇଟିର ସଭାପତି ବିକ୍ରମ ବିଶ୍ୱାଳ, ସମ୍ପାଦକ ରାମଚନ୍ଦ୍ର ମହାର୍ଣ୍ଣ ।, ସଦସ୍ୟ ବିଜୟ କୁମାର ବେହେରା, ରାକେଶ ଦାସ, ବିଜୟ ପାତ୍ର, ଚନ୍ଦନ ମହାଳିକ, ଶ୍ରୀନିବାସ ରାଉତ, ତାପସ ଦାସ, ଭୂପତି ମହାଳିକ, ରବୀନ୍ଦ୍ର ପାତ୍ର ,ଜୟନ୍ତ ପାତ୍ର, ମହେନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର, ଅଜୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

ପେଟ ଯନ୍ତ୍ରଣା ପାଇଁ ହସ୍ପିଟାଲ ଆସିଥିଲେ, ଗୁଳିମାଡ଼ରେ ଚାଲିଗଲା ଜୀବନ

ନୂଆଦିଲ୍ଲୀ, ୧୪/୦୭ : ଦେଶର ରାଜଧାନୀ ଦିଲ୍ଲୀର ଗୋଟିଏ ସରକାରୀ ହସ୍ପିଟାଲରେ ଫୁଟିଛି ଗୁଳି । ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ଜଣେ ୩୨ ବର୍ଷୀୟ ବ୍ୟକ୍ତି ଗୁଳିମାଡ଼ରେ ପ୍ରାଣ ହରାଇଛନ୍ତି । ଗୁରୁ ତେଜ ବାହାଦୂର ହସ୍ପିଟାଲର ତୃତୀୟ ମହଲାରେ ଆଜି ଅପରାହ୍ନ ୪ଟାରେ ଏପରି ଘଟଣା ଘଟିଛି । ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ରିୟାଜୁଦ୍ଦିନ ନାମକ ୩୨ ବର୍ଷୀୟ ବ୍ୟକ୍ତି ଜୁନ ୨୩ରେ ଏଠାକୁ ଆସିଥିଲେ । ଏଠାରେ ସେବେଠାରୁ ତାଙ୍କର ଚିକିତ୍ସା ଚାଲିଥିଲା । ହେଲେ ଆଜି ଜଣେ ୧୮ ବର୍ଷୀୟ ବାଳକ ହଠାତ୍ ହସ୍ପିଟାଲକୁ ଆସି ରିୟାଜୁଦ୍ଦିନଙ୍କୁ ଗୁଳି କରି ମାରି ଦେଇଛି । ଆକ୍ରମଣକାରୀ ପରିଚୟ ମିଳି ନଥିବା ବେଳେ ଗୁଳିମାଡ଼ର କାରଣ ମଧ୍ୟ ଜଣାପଡ଼ିନି ।

ବନମହୋତ୍ସବ ଉଦ୍ଘାଟନ କଲେ ବିଧାୟକ ଦୁର୍ଗା ଚରଣ ତନ୍ତୀ

ରାଉରକେଲା, ୧୪/୦୬ (ଓଡ଼ିଶା ଖବର) : ସେକ୍ଟର -୧୬ ରେ ଅବସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତ୍ରିପ୍ତିମୟୀ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇଥିଲେ । ଶ୍ରୀ ତନ୍ତୀ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ଥିଲେ । ବିଦ୍ୟାଳୟର ସୁନାମ ଅର୍ଜନ କରିବାକୁ ସମସ୍ତେ ପ୍ରୟାସ କରିବା ସହିତ ଉତମ ଚରିତ୍ର ଗଠନ, ରାଷ୍ଟ୍ର ଭକ୍ତି ଆଦିରେ ଉଚିତ ମାର୍ଗଦର୍ଶନ ଶିକ୍ଷକ ମାନେ ସତତ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟରେ ବନମହୋତ୍ସବ ପାଳନ ଅବସରରେ ଉପସ୍ଥିତ ଶିକ୍ଷକ , ବିଦ୍ୟାର୍ଥୀ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ । ସେ ତାଙ୍କ ବକ୍ତବ୍ୟରେ ପୃଥିବୀରେ ଉପୁଜୁଥିବା ଗ୍ଲୋବାଲ ୱାର୍ମିଙ୍ଗର ମୁକାବିଲା ପାଇଁ ପ୍ରଚୁର ପରିମାଣରେ ବିଦ୍ୟାଳୟ ଓ ପାର୍ଶ୍ୱବର୍ତୀ ସ୍ଥାନ ମାନଙ୍କରେ ବୃକ୍ଷ ରୋପଣ କରିବା ସହିତ ତାର ଯତ୍ନ ନେବାକୁ ନିବେଦନ କରିଥିଲେ । ପ୍ରତ୍ୟେକ ଶିକ୍ଷକ, ବିଦ୍ୟାର୍ଥୀ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାକୁ କହିଥିଲେ । ବୃକ୍ଷ ରୋପଣ କରି ପ୍ରାଣୀ ଜଗତକୁ ଉଦ୍ଧାର କରିବା ସହିତ ମାନବ ସମାଜର କଲ୍ୟାଣ ପାଇଁ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବାରେ ସହଯୋଗ କରନ୍ତୁ ବୋଲି ପ୍ରକାଶ କରିଥିଲେ । ଏହା ପରେ ସେ ବିଦ୍ୟାଳୟ ପରିସରରେ ଶିକ୍ଷକ, ବିଦ୍ୟାର୍ଥୀ ମାନଙ୍କ ସହିତ ଔଷଧି ବୃକ୍ଷ ରୋପଣ କରିଥିଲେ । ପରି ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର କିଛି ସମସ୍ୟା ଉପରେ ବିଧାୟକକ ଦୃଷ୍ଟି ଆକର୍ଷଣ କରିଥିଲେ । ସମସ୍ୟା ମଧ୍ୟରେ ଅଧିକ ଶ୍ରେଣୀ ଗୃହ, ଅଡିଟୋରିୟମ୍, ଜଳ ନିଷ୍କାସନ ପାଇଁ ଡ୍ରେନ , ଭାଙ୍ଗି ଯାଇଥିବା । ପ୍ରାଚୀର ନିର୍ମାଣର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଏହା ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସମେତ ମୁଖପାତ୍ର ଗଙ୍ଗାଧର ଦାଶ, ଅଜୟ କଂସାରି, ଅଶୋକ ଲେଙ୍କା, ଆଲୋକ ନାୟକ , ସନ୍ତୋଷ ବିରାଟ , ସୁଦାମ ସାହୁ, ଗୌତମ ବାରା, ମନୋଜ ସ୍ୱାଇଁ, କ୍ରଷ୍ଣ ରାଉତ୍, ସଞ୍ଜୟ ପ୍ରମୁଖ ଉପସ୍ଥିତ ଥିଲେ ।

ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନର ହିନ୍ଦୀ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ



ରାଉରକେଲା, ୧୪/୦୬ (ଓଡ଼ିଶା ଖବର) : ଆଜି ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନ, ରାଉରକେଲା ଆନୁକୂଲ୍ୟରେ ସେକ୍ଟର ୧୮ ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନ ଠାରେ ହାଇସ୍କୁଲ ଓ ଯୁକ୍ତ ୨ ସ୍ତରୀୟ ବିଦ୍ୟାର୍ଥୀ ମାନଙ୍କ ପାଇଁ ଏକ ହିନ୍ଦୀ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ସାମଲ ସଭାପତିତ୍ୱ କରିଥିଲେ । ରାଉରକେଲାର ବିଭିନ୍ନ ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ସଂସ୍ଥାନର ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ସମ୍ପାଦକ ଡଃ ଜଗନ୍ନାଥ ଦାଶ ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ଉପଯୋଗିତା ସମ୍ପର୍କରେ ପ୍ରାକ୍ ସୂଚନା ଦେଇଥିଲେ । ମୂଲ୍ୟାଙ୍କନ କାର୍ଯ୍ୟରେ ହିନ୍ଦୀ ଶିକ୍ଷୟିତ୍ରୀ ରେଖା ବୋଷ ଓ ସୁଶ୍ରୀ ସୁସ୍ମିତା ପାଲ୍ ସହଯୋଗ କରିଥିଲେ ।

ରାଇସ୍ ମିଲ୍ ମାଲିକଙ୍କୁ ଅପହରଣ: ଅପହର୍ତା ମାଗିଛନ୍ତି ୭୦ ଲକ୍ଷ ଟଙ୍କା

କୋରାପୁଟ,୧୪/୦୭(ଶୁଭାଶିଷ ନାୟକ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ତଥା ବୋରିଗୁମ୍ମା ଥାନା ଅର୍ନ୍ତଗତ ଜୟନ୍ତୀ ଗିରି ପଂଚାୟତ ଅର୍ନ୍ତଗତ ପେରାହାଣ୍ଡି - ଜୟନ୍ତୀଗିରି କେନାଲ ରାସ୍ତା ଉପରୁ ଏସ୍ ଏଲ୍ ଭିଏନ୍ ମଡର୍ଣ୍ଣ ରାଇସ ମିଲ୍ ରେ ମାଲିକ ଏ . ରମେଶ ପାତ୍ରଙ୍କୁ କିଛି ଦୁର୍ବୃତ ଅପହରଣ କରିନେଇଥିବା ଖବର ଏବେ ଚାଂଚଲ୍ୟ ସୃଷ୍ଟି କରିଛି । ରାତି ପ୍ରାୟ ୮.୩୦ ରୁ ୧୦ ମଧରେ କାମ ସାରି ମିଲ୍ ମାଲିକ ପେରାହାଣ୍ଡି - ଜୟନ୍ତୀ ଗିରି ରାସ୍ତା ଦେଇ କୁମୁଲିପୁଟ ସ୍ଥିତ ନିଜ ଘରକୁ ଫେରିବା ବେଳକୁ କିଛି ଦୁର୍ବୃତ ତାଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ ।ଗାଡି ନ ରଖିବାରୁ ଦୁର୍ବୃତ ମାନେ ଗାଡି ଉପରେ ପଥର ମାଡ କରିଥିବା ବେଳେ ମିଲ୍ ମାଲିକ ଏ. ରେମେଶ ଭୟଭୀତ ହୋଇ ଗାଡିଟିକୁ ରଖି ଦେଇଥିଲେ । ଗାଡିର କାଚ ଭାଙ୍ଗି ଗାଡି ଭିତରେ ପଶିଥିଲେ ।ସେହି କାର୍ ରେ ହିଁ ଦୁର୍ବୃତ ମାନେ ଏ. ରମେଶଙ୍କୁ ଅପହରଣ କରିଥିବା ସୂଚନା ମିଳିଛି । କିଛି ସମୟ ପରେ ରମେଶଙ୍କ ଫୋନରୁ ଅପହର୍ତା ମାନେ ଫନ୍ ଯୋଗେ ଟଙ୍କା ଯୋଗାଡ କରି ରଖିବାକୁ କହିଥିଲେ ବୋଲି ତାଙ୍କର ସମ୍ପର୍କୀୟ ସୂଚନା ଦେଇଛନ୍ତି । ଫୋନକଲ୍ ପରେ ଗତକାଲି ରାତ୍ରରେ ହିଁ ପରିବାର ଲୋକେ ବୋରିଗୁମ୍ମା ଥାନାରେ ଏତଲା ଦେଇଥିବା ସୂଚନା ମିଳିଛି । ବୋରିଗୁମ୍ମା ଏସଡିପିଓ ଓ ଏସପି ଙ୍କୁ ଘଟଣା ସଂପର୍କରେ ଅବଗତ ପରେ ଜିଲ୍ଲାର ସମସ୍ତ ଥାନା ପାଇଁ ଏସପି ହାଇ ଆଲର୍ଟ ଜାରି କରିଥିଲେ । ରାତା ରାତି ୩ଟି ଟିମ୍ ଗଠନ କରି ପୋଲିସ ତଦନ୍ତ ଆରମ୍ଭ କରି ଦେଇଛି । ବିଭିନ୍ନ ସ୍ଥାନରେ ଲାଗଥିବା ସିସି କ୍ୟାମେରା ଫୁଟେଜ ସଂଗ୍ରହ କରାଯାଉଛି । ଆଜିସକାଳେ ଏସପି ଓ ବୋରିଗୁମ୍ମା ଏସଡିପିଓ ତପସ୍ୱିନୀ କହଁର ଘଟଣା ସ୍ଥଳକୁ ଯାଇ ଯାଂଚ କରିଥିଲେ । ଅପହର୍ତା ଫୋନ୍ କରି ପରିବାରକୁ୭୦ ଲକ୍ଷ ଟଙ୍କା ମାଗିଥିବା ସୂଚନା ମିଳିଛି । ପୋଲିସ ତତ୍ପରତା ପ୍ରକାଶ କରିବା ସହିତ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । କୋରାପୁଟ ଏସପି ଅଭିନବ ସୋନକର ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ଯଥାଶୀଘ୍ର ଯେପରି ଦୁର୍ବୃତ ମାନଙ୍କୁ କାବୁ କରିହେବ ସେଥିପାଇଁ ପୋଲିସପକ୍ଷରୁତନାଘନାଜାରିରହିଛି ।

ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ରେ ଚଳତ ବର୍ଷଠାରୁ ନାମଲେଖା ଆରମ୍ଭ ଦାବି

ତାଳଚେର,୧୪/୦୭(ମଦନମୋହନ ସାହୁ) : ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଆବାହକ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ମେଡିକାଲ୍ କଲେଜ୍ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ କରିବା ପାଇଁ ଘୋଷଣା କରିଥିବାରୁ କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ଚଳିତ ବର୍ଷ ଠାରୁ ନାମ ଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ବୈଠକରେ ଦାବୀ କରାଯାଇଥିଲା । ସେହିପରି ପବିତ୍ର ମୋହନ ପ୍ରଧାନ ମେଡିକାଲ୍ ?ରେ ପ୍ରଫେସର, ସହକାରୀ ପ୍ରଫେସର, ବିଶେଷଜ୍ଞ ଡାକ୍ତର ଏବଂ ପାରାମେଡିକାଲ୍ ଷ୍ଟାଫ ନିଯୁକ୍ତି କରିବା ସହ ମେଡିକାଲ୍ ପାଇଁ ସମସ୍ତ ଆନୁସଙ୍ଗିକ ଯନ୍ତ୍ରପାତି ବ୍ୟବସ୍ଥା କରନ୍ତୁ ବୋଲି ବକ୍ତମାନେ କହିଥିଲେ । ସେଥିପାଇଁ ଆସନ୍ତା ତା୧୮/୦୭/୨୦୨୪ ରିଖ ଦିନ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ଦିଆଯିବ ବୋଲି ସଭାପତି ଘୋଷଣା କରିଥିଲେ । ଯଦି ଏହା କାର୍ଯ୍ୟକାରୀ କରାନଯାଏ ତେବେ ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱର ଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ବୈଠକରେ ନିଷ୍ପତି ହୋଇଥିଲା । ଏହି ବୈଠକରେ କମିଟିର ବରିଷ୍ଠ ସଭ୍ୟ ଦିଗାମ୍ବର ଗଡନାୟକ, ବିନୋଦ ଲାଲ୍, ପ୍ରହ୍ଲାଦ ଚନ୍ଦ୍ର ସାହୁ, ପ୍ରେମାନନ୍ଦ ମହାନ୍ତି, ସୁକାନ୍ତ ଦାସ, ଉଲ୍ଲାସ ମୁଦୁଲି, ପରମାନନ୍ଦ ସାହୁ, ପର୍ଶୁରାମ ସାମଲ, ରାଜୁ ନାଏକ, ଶୋଭାଗିନୀ ଦାସ, ମନୋଜ ଜେନା, ବିଛନ୍ଦ ପ୍ରଧାନ, ଗଗନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜପଥରେ ଜମୁଛି ବର୍ଷା ପାଣି : ଏନଏଚ କର୍ତୃପକ୍ଷ ନିରବ

ବ୍ରହ୍ମପୁର/କୁକୁଡାଖଣ୍ଡି,୧୪/୦୭(ପ୍ରିୟବ୍ରତ ପଣ୍ଡା) : କୁକୁଡାଖଣ୍ଡି ଜାତୀୟ ରାଜପଥ କାଲୁଆ ଛକ ରାସ୍ତା କଡ଼ ରେ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନ ରେ କୃତ୍ରିମ ବନ୍ୟା ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି । ଗତ କିଛି ବର୍ଷ ମଧରେ ଏନଏଚ ବିଭାଗ ଦ୍ୱାରା ଏଆରଏସଏସ ସଂସ୍ଥା ପକ୍ଷରୁ ରୋଡ଼ ଓସାରିଆ କରିବା ସହ ଯେଉଁ ଡ୍ରେନ୍ ନିର୍ମାଣ କରିଥିଲେ । ତାହାକୁ ମଧ ସଠିକ ଭାବେ ନିର୍ମାଣ କରାଯାଏ ନାହିଁ ଯାହା ଫଳ ରେ ବର୍ଷା ପାଣି ସେଠାରେ ଜମା ହେବା ଦ୍ୱାରା ସାଧାରଣ ଲୋକ ଯାତାୟତ କରିବାରେ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି ଓ ବିଭିନ୍ନ ସମସ୍ୟା ଦେଖାଦେଇଛି । ଘର ଓ ଦୋକାନ ବଜାର ମାନଙ୍କ ରେ ଜଳ ମଗ୍ନ ସ୍ଥିତି ଉପୁଜିଥିବା ରୁ ସ୍ଥାନୀୟ ବାସିନ୍ଦା ପି ସୁବାସ ଅଭିଯୋଗ କରିଥିବା ଜଣାପଡିଛି । ସ୍ଥାନୀୟ ପ୍ରଶାସନ ଏହା କୁ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି । ଅନ୍ୟପକ୍ଷେ ଏନଏଚ କର୍ତୃପକ୍ଷ ମଧ ରାସ୍ତା କାମ ଅଧାପନ୍ତରିଆ ଭାବେ କରି ଆଉ ଧ୍ୟାନ ଦେଉନଥିବା ଅଭିଯୋଗ ହୋଇଛି ।

ଓଡ଼ିଶା ଅମଲା ସଂଘ, କୋରାପୁଟ ଜିଲ୍ଲା ତରଫରୁ ନୂତନ ନିଯୁକ୍ତି ପ୍ରାପ୍ତ ଅମଲା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାପୁଟ,୧୪/୦୭(ଶୁଭାଶିଷ ନାୟକ) : ଓଡ଼ିଶା ଅମଲା ସଂଘ, କୋରାପୁଟ ଜିଲ୍ଲା ଶାଖା ତରଫରୁ ନୂତନ ନିଯୁକ୍ତି ପ୍ରାପ୍ତ ଅମଲା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭାଗୃହ , କୋରାପୁଟ ଠାରେ ଶ୍ରୀ ନିତ୍ୟାନନ୍ଦ ଭତ୍ରା, ସଭାପତି, ଓଡ଼ିଶା ଅମଲା ସଂଘ, କୋରାପୁଟ ଶାଖାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ସମ୍ପାଦକ ଶ୍ରୀ ମନୋଜ କୁମାର ବାରିକ ସର୍ବପ୍ରଥମେ ଉପସ୍ଥିତ ସବୁ ବିଭାଗର ଅମଲାଙ୍କୁ ସ୍ୱାଗତ ଜଣାଇଥିଲେ । କୋରାପୁଟ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଆଲୋମଣୀ ସେଠୀ ମୂଖ୍ୟ ଅତିଥି ଭାବେ ଯୋଗଦାନ କରି ନୂତନ ନିଯୁକ୍ତି ପ୍ରାପ୍ତ ଅମଲା ଙ୍କୁ ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ.ଇତି ମଧରେ ସରକାରୀ ଚାକିରୀରୁ ଅବ୍ୟାହୁତି ନେଇଥିବା ଅମଲାଙ୍କୁ ଉପଢୌକନ ତଥା ପୁଷ୍ପଗୁଚ୍ଛ ଦ୍ୱାରା ସମ୍ବର୍ଦ୍ଧିତ କରାଗଲା । ପଦୋନ୍ନତି ପାଇଥିବା ଅମଲାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରାଗଲା. ଅମଲା ଭବନକୁ ଅତି ଶୀଘ୍ର ଏକ ନୂଆ ରୁରେଖ ଦେଇ ସମସ୍ତ ଲୋକଲୋଚନକୁ ଆଣିବାର ସମୟ ଅତି ନିକଟତର ବୋଲି ସଭାପତି ଦୃଢୋକ୍ତି ବାଢ଼ିଥିଲେ । ବକେୟାରାଶି ସବୁ ଆଦାୟ ପ୍ରକ୍ରିୟା ନିରବଚ୍ଛିନ୍ନ ଚାଲିଛି ବୋଲି ସମ୍ପାଦକ ନିଜ ମତ ବ୍ୟକ୍ତ କରିଥିଲେ । କୋଷାଧକ୍ଷ ଶ୍ରୀ ଜଗନ୍ନାଥ ନାୟକ ସବିଶେଷ ଖର୍ଚ୍ଚ ଉପସ୍ଥାପନା କରିଥିଲେ । ଅନ୍ୟ ମାନଙ୍କ ମଧରେ ଉପ ସଭାପତି ଶ୍ରୀ ଯୋଗେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ଶ୍ରୀ ସୌମ୍ୟ ପ୍ରିୟଦର୍ଶୀ ମିଶ୍ର, ଏମ.ମୁରଲୀ, ଲବ କିଶୋର ମଣ୍ଡଳ, କ. ଚନ୍ଦ୍ରଶେଖର, ପ୍ରସନ୍ନ କୁମାର ନାୟକ, ମନୋଜ କୁମାର ବାରିକ (୧) ଅମିତ୍ କୁମାର ସବୁଦ୍ଧି, ସମରେନ୍ଦ୍ର ବେହେରା, ଅନିଲ ନୟନ ପାତ୍ର, ଜି. ସନ୍ତୋଷ କୁମାର ରାଓ, ଭବାନୀ ଶଙ୍କର ଆଚାର୍ଯ୍ୟ , ସଂଜିତ୍ ଟାକ୍ରୀ,ରାମଚନ୍ଦ୍ର ମୁଦୁଲି, ସରସ୍ୱତୀ ମହାରଣା ଉପସ୍ଥିତ ଥିଲେ ଏବଂ ପରିଶେଷରେ ସଭା ସାଙ୍ଗ କରାଗଲା ।

କର୍ମ ଛୋଟ ହୋଇନଥାଏ : ସୋପାନ ଛୁଇଁବାରେ ଭୂମିକା ବହନ କରନ୍ତି କର୍ମଯୋଗୀ

ଟ୍ରଲି ଚଳାଇ ଏପରି ସଚେତନତାର ବାର୍ତା ପ୍ରଦାନ କରିଛନ୍ତି ନ୍ୟୁଜ୍ ଅପରେଟର୍ କୁମାର ରମେଶ

ତାଳଚେର,୧୪/୦୭(ମଦନମୋହନ ସାହୁ) : ପୃଥିବୀ ପୃଷ୍ଠରେ ଜନ୍ମ ନେଇଥିବା ଶ୍ରେଷ୍ଠ ଜାତି ହେଉଛି ମନୁଷ୍ୟ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ କାଳ ମଧରେ କିଛି ନା କିଛି ଲକ୍ଷ୍ୟସ୍ଥଳ ରହିଥାଏ । ଯେଉଁମାନେ କି ନିଜର ଲକ୍ଷ୍ୟସ୍ଥଳରେ ପଂହଚିବାକୁ ବିଭିନ୍ନ କ୍ଷେତ୍ରରେ ପ୍ରୟାସ ଜାରି ରଖିଥାନ୍ତି । ଜୀବନର କୌଣସି ଏକ ଲକ୍ଷ୍ୟ ସ୍ଥଳକୁ ପଂହଚିବାକୁ ହେଲେ ପ୍ରଥମେ ମନୁଷ୍ୟକୁ ପ୍ରଚେଷ୍ଟାର ନିତ୍ୟାନ୍ତ ଆବଶ୍ୟକତା ରହିଛି । ସତ୍ୟ, ନିଷ୍ଠା, ପରକାଷ୍ଠା, ଇଚ୍ଛାଶକ୍ତି ଓ ବିଶ୍ୱାସକୁ ଅସ୍ତ୍ରକରି ଦୃଢ଼ତାର ସହ ପରିଶ୍ରମ କରିଲେ ସେମାନଙ୍କ ପକ୍ଷେ ସମୟ ସ୍ରୋତର ସୋପାନ ଛୁଇଁବାକୁ କଷ୍ଟସାଧ ହୋଇନଥାଏ । ଦୁନିଆର କୌଣସି କାମ ଛୋଟ ହୋଇନଥାଏ । କର୍ମଯୋଗୀ କର୍ମଠ ନୁହଁନ୍ତି, ପରିଶ୍ରମ ଏକ ନିରନ୍ତର ପ୍ରସାୟ । ଏପରି ଏକ ଅଭିନବ ଢ଼ଙ୍ଗରେ ଟ୍ରଲି ଚଳାଇ ଆଜି ଏକ ସଚେତନତାର ବାର୍ତା ପ୍ରଦାନ କରିଛନ୍ତି, ତାଳଚେର ଟାଉନ 'ଶ୍ରୀ ଜୟ ନିତାଇ ଆଶ୍ରମ' ପରିସର ମଧରେ ଥିବା ଖବର କାଗଜ ଆକ୍ଟିଭ ମିଡ଼ିଆ କାର୍ଯ୍ୟାଳୟର ନ୍ୟୁଜ୍ ଅଫିସ ଅପରେଟର୍ ରମେଶ କୁମାର ସେଠୀ । ନିରନ୍ତର ଚେଷ୍ଟା ଅସୀମ ପଥକୁ ସୁଗମ କରିଥାଏ ଏବଂ ମନୁଷ୍ୟର ସଠିକ୍ ମାର୍ଗଦର୍ଶନର ମହତ ଭୂମିକା ବହନ କରିଥାଏ ବୋଲି ଶ୍ରୀ ସେଠୀ ଆଜି ଟ୍ରଲି ଚଳାଇ ଏକ ସଚେତନତାର ବାର୍ତା ପ୍ରଦାନ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ସରିଲା ରତ୍ନଭଣ୍ଡାର ଖୋଲିବା ପ୍ରକ୍ରିୟାର ...

ଅରବିନ୍ଦ ପାଢୀଙ୍କ କହିବା ମୁତାବକ ବାହାର ରତ୍ନଭଣ୍ଡାରରୁ ଯାହା ବାହାରକୁ ବାହାର କରିବା କଥା ସମସ୍ତ ଜିନିଷ ବାହାର କରାଯାଇ ତାକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ଚାଙ୍ଗଡ଼ା ଘରେ ରଖାଯାଇଛି । ଜଷ୍ଟିସ ରଥ ଓ ମେକାପ ସଦସ୍ୟଙ୍କ ସାମ୍ନାରେ ସବୁ ଜିନିଷ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯାଇଛି । ଏହାସହ ସ୍ଥାନାନ୍ତର ହୋଇଥିବା ସମସ୍ତ ଜିନିଷର ତାଲିକା ପ୍ରସ୍ତୁତ କରାଯାଇଛି । ଏବେ ବାହାର ରତ୍ନଭଣ୍ଡାରକୁ ସିଲ୍ କରାଯାଇଛି । ବାହାର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର ପରେ ରତ୍ନଭଣ୍ଡାରକୁ ଅଧିକୃତ ସଦସ୍ୟମାନେ ଯିବା ପାଇଁ ଜିଲ୍ଲାପାଳ ଦେଇଥିବା ୩ଟି ଚାବିରେ ୩ ତାଲା ଖୋଲିବାକୁ ଚେଷ୍ଟା କରିଥିଲେ । ହେଲେ ଚାବିରେ ତାଲା ନଖୋଲିବାରୁ ୩ ଟି ଯାକ ତାଲା କଟାଯାଇଥିଲା । ଏହାପରେ ସଦସ୍ୟମାନେ ଭିତରକୁ ଯାଇଥିଲେ । ଶ୍ରୀ ପାଢୀଙ୍କ କହିବା ମୁତାବକ ଭିତର ଭଣ୍ଡାରରେ ସିନ୍ଦୁକ ଓ ଆଲମୀରା ରହିଛି । ତା ଭିତରେ କିଛି ଅଳଙ୍କାର ମଧ ରହିଛି । ହେଲେ ଆଜି ଏସଓପି ମୁତାବକ ସମୟ ସରିଥିବାରୁ ଭିତର ରତ୍ନଭଣ୍ଡାରର କୌଣସି ସାମଗ୍ରୀ ସ୍ଥାନାନ୍ତର କରାଯାଇ ନାହିଁ । ଗତକାଲି ମହାପ୍ରଭୁଙ୍କ ବାହୁଡା ଏବଂ ତା ପରଦିନ ସୁନାବେଶ ପାଇଁ ଯାଂଚ କାର୍ଯ୍ୟ ବନ୍ଦ ରଖାଯାଇଛି । ବାହୁଡା ଓ ସୁନାବେଶ ସରିବା ପରେ ପୁଣି ଦିନ ଧାର୍ଯ୍ୟ କରାଯାଇ ଭିତର ରତ୍ନଭଣ୍ଡାରରେ ଥିବା ସାମଗ୍ରୀଙ୍କୁ ସ୍ଥାନାନ୍ତର କରି ଖଟଶେଜ ଘରେ ରଖାଯିବ । ଏହାପରେ ଏଏସଆଇ ଭିତର ରତ୍ନଭଣ୍ଡାରର ରକ୍ଷଣା ବେକ୍ଷଣ କରିବ । ଏସବୁ ପ୍ରକ୍ରିୟା ସରିବା ପରେ ଭିତର ଓ ବାହାର ରତ୍ନଭଣ୍ଡାରରୁ ସ୍ଥାନାନ୍ତର ହୋଇଥିବା ସାମଗ୍ରୀର ଗଣତି ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି ।

କରେଂଟ ଲାଗି ୧୦...

ପାଇଁ ଗାଁର ପିଲା ଠାରୁ ବୁଢା ପର୍ଯ୍ୟନ୍ତ ଆସିଥିଲେ । ଆଉ ନାଟକ ଦେଖିବା ସମୟରେ ବର୍ଷା ଆରମ୍ଭ ହୋଇଥିଲା । ଷ୍ଟେଜର ଆଗରେ ବସିଥିବା ଶିଶୁ ମାନେ ଭୟରେ ଷ୍ଟେଜ ତଳେ ପଶିଯାଇଥିଲେ । ଫଳରେ ବର୍ଷା ଯୋଗୁଁ ଆର୍ଥିଙ୍ଗ ହୋଇ କରେଂଟ ଲାଗିଥିବା ଗାଁ ଲୋକ କହିଛନ୍ତି । କରେଂଟ ଲାଗି ୧୦ରୁ ଅଧିକ ଶିଶୁ ଆହାତ ହୋଇଛନ୍ତି । ସେମାନଙ୍କ ମଧରୁ ୮ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁରକୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଆଉ ଅନ୍ୟ ୨ ଦିଗପହଣ୍ଡି ମେଡିକାଲରେ ଭର୍ତି ହୋଇଛନ୍ତି । ସେଠାରେ ସେମାନଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ...

ପୋଲିସ ଖାଲି କରି ଦେଇଛି । ଟ୍ରମ୍ପଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୁଳିମାଡ଼ ହୋଇଥିବା ଦିଗରେ ସିକ୍ରେଟ୍ ସର୍ଭିସ୍ ଯାଂଚ କରୁଛି । ଘଟଣା ପରେ ଏଫବିଆଇ ଟିମ୍ ମଧ ଗୁଳିମାଡ଼ ସ୍ଥଳରେ ପହଂଚି ଯାଇଥିଲା । ସିକ୍ରେଟ୍ ସର୍ଭିସ ସହ ମିଶି ଏଫବିଆଇ ଘଟଣାର ଯାଂଚ କରୁଛି ।

ଆଜି ବାହୁଡ଼ା...

ଯାହା ବାହାରକୁ ବାହାର କରିବା କଥା ସମସ୍ତ ଜିନିଷ ବାହାର କରାଯାଇ ତାକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ଚେଙ୍ଗଡା ଘରେ ରଖାଯାଇଛି । ଜଷ୍ଟିସ ରଥ ଓ ମେକାପ ସଦସ୍ୟଙ୍କ ସାମ୍ନାରେ ସବୁ ଜିନିଷ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯାଇଛି । ଏହାସହ ସ୍ଥାନାନ୍ତର ହୋଇଥିବା ସମସ୍ତ ଜିନିଷର ତାଲିକା ପ୍ରସ୍ତୁତ କରାଯାଇଛି । ଏବେ ବାହାର ରତ୍ନଭଣ୍ଡାରକୁ ସିଲ୍ କରାଯାଇଛି ।

ଘରେ କେହି ନଥିବା ବେଳେ...

ମମତା ଓ ପୁଅଝିଅଙ୍କ ସହିତ ରହି ଆସୁଥିଲେ । ତାଙ୍କର ଏକମାତ୍ର ଝିଅଲୁ ଭୁବନେଶ୍ୱରରେ ବିବାହ କରାଇଛନ୍ତି । ଏକମାତ୍ର ପୁଅ ବାହା ହେଲା ପରେ ନିଜ କର୍ମସ୍ଥଳ ପୁନେରେ ସ୍ତ୍ରୀ ସହିତ ରହୁଛନ୍ତି । ଏଠି ଏକୁଟିଆ ଯତୀନ ଓ ତାଙ୍କ ସ୍ତ୍ରୀ ରହୁଥିଲେ । ହେଲେ ମାସେ ପୂର୍ବରୁ ଯତୀନ ନିଜ ସ୍ତ୍ରୀଙ୍କ ସହିତ ପୁନେସ୍ଥିତ ନିଜ ପୁଅ ପାଖକୁ ବୁଲିବାକୁ ଯାଇଥିଲେ ଓ ଘରର ଦାୟିତ୍ୱ ଗାଁ ଭିତରେ ରହୁଥିବା ନିଜ ବଡଭାଇ ବିପିନଙ୍କୁ ଦେଇଯାଇଥିଲେ । ବିପିନ ପ୍ରତିଦିନ ନିଜ କାମସାରି ରାତିରେ ଯତୀନଙ୍କ ଘରେ ଶୋଉଥିଲେ ଓ ସକାଳ ହେଲେ ଘର କବାଟ ସହିତ ଗ୍ରିଲରେ ତାଲା ପକେଇ ନିଜ ଘରକୁ ଫେରୁଥିଲେ । ହେଲେ ସବୁଦିନ ଭଳି ଗତକାଲି ବିପିନ ରାତିରେ ଶୋଇବାକୁ ଯାଇ ଦେଖିବାକୁ ପାଇଥିଲେ କି ଗ୍ରିଲ ତାଲା ଭଙ୍ଗାଯାଇଛି । ସେ ଆଶ୍ଚର୍ଯ୍ୟ ହୋଇ ଭିତରକୁ ଯାଇ ଦେଖିବାକୁ ପାଇଥିଲେ କି ଘରର ମୁଖ୍ୟ କବାଟର ତାଲା ମଧ ଭଙ୍ଗା ଯାଇଛି ଏବଂ ସେ ନିଶ୍ଚିତ ହୋଇଯାଇଥିଲେ କି ଘରେ କେହି ଲୁଟେରା ପଶି କଳାକନା ବୁଲେଇ ସାରିଛନ୍ତି । ପରେ ସେ ଭିତରକୁ ଯାଇ ଦେଖିବାକୁ ପାଇଥିଲେ କି ଘର ଭିତରେ ଥିବା ଆଲମିରା ଗୁଡିକ ମଧ ତାଲା ଭଙ୍ଗାଯିବା ସହିତ ଲକର ବି ଖୋଲା ପଡ଼ିଛି । ଅନ୍ୟପଟେ ଘରର ଆସବାପତ୍ର ସବୁ ଛାନଭିନ ହୋଇ ଏପଟେ ସେପଟେ ପଡିଛି । ହେଲେ ତାଙ୍କ ଭାଇଙ୍କ ଅନୁପସ୍ଥିତି ଯୋଗୁଁ ସେ ପ୍ରକୃତ ଚୋରି ସାମଗ୍ରୀର ମୂଲ୍ୟ ଆକଳନ କରିପାରି ନଥିଲେ । ସେ ସଙ୍ଗେ ସଙ୍ଗେ ସାହି ପଡିଶାଙ୍କୁ ଡାକିବା ସହିତ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ପୁଲିସ ବିଳମ୍ବିତ ରାତିରେ ପହଂଚି ତଦନ୍ତ କରି ଫେରି ଆସିଥିବାବେଳେ ରବିବାର ପୂର୍ବାହ୍ନରେ ବିପିନଙ୍କ ଲିଖିତ ଅଭିଯୋଗ ପରେ ୨୪୧/୨୪ରେ ଏକ ମାମଲା ରୁଜୁ କରିବା ସହିତ ବାରିପଦାରୁ ସାଇଂଟିଫିକ ଟିମ ଆସି ଘଟଣା ସ୍ଥଳରେ ତନାଘନା କରି ଫେରିଛି । ଖବର ପାଇ ଆଜି ଯତୀନଙ୍କ ଝିଅ ଜ୍ୱାଇଁ ମଧ ଆସି ଘଟଣା ସ୍ଥଳରେ ପହଂଚି ଥିଲେ । ଯତୀନ ପୁନେରୁ ବାହାରି ସାରିଥିବା ବେଳେ ଏଠାରେ ପହଂଚିବା ପରେ ହିଁ ପ୍ରକୃତ ଚୋରିର ମୂଲ୍ୟ ଆକଳନ କରିହେବ ବୋଲି ବିପିନ କହିଛନ୍ତି ।

ଆଗାମୀ ୫ ଦିନ ...

ନୂଆପଡ଼ା, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଂଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏହାଛଡ଼ା ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ କଟକ ଜିଲ୍ଲାରେ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତାକାଲି ଅର୍ଥାତ ସୋମବାର ରାଜ୍ୟର ଅନେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷାହେବାର ସମ୍ଭାବନା ରହିଛି । ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼, କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ମଙ୍ଗଳବାର ମଧ ପ୍ରବଳ ବର୍ଷା ନେଇ କୌଣସି ପୂର୍ବାନୁମାନ ନାହିଁ । କିଛି କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ବୁଧବାର ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗଞ୍ଜାମ, ଗଜପତି,ରାୟଗଡ଼ା, କନ୍ଧମାଳ, କୋରାପୁଟ, ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବାକି ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଗୁରୁବାର କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଶୁକ୍ର ଓ ଶନିବାର ମଧ କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ।

ମାରଦା ମନ୍ଦିରରେ ମିଟୁ ସେନା ପକ୍ଷରୁ ବୃକ୍ଷ ରୋପଣ

ପୋଲସରା ,୧୪/୦୭(ଓଡ଼ିଶା ଖବର) : ପୋଲସରା ବ୍ଲକ ଅନ୍ତର୍ଗତ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିସରରେ ରବିବାର ଦିନ ମିଟୁ ସେନା ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଯାଇଛି । ୭୫ ତମ ବନ ମୋହତ୍ସବ ଉପଲକ୍ଷେ ମିଟୁ ସେନା, ମଥୁରା ୟୁଥ କ୍ଲବ ଓ ଜୟ ଦୁର୍ଗା ନାଟ୍ୟ ସଂସଦର ସଦସ୍ୟ ଏବଂ ପୋଲସରା ବନାଂଚଳର କର୍ମଚାରୀ ବୃନ୍ଦ ମାରଦା ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ । ଗଛ ବଂଚିଲେ ହିଁ ମାନବ ସମାଜ ଓ ପ୍ରାଣୀ ସମାଜ ବଂଚିପାରିବ । ସଚେତନତା ସୃଷ୍ଟି ପାଇଁ ମିଟୁ ସେନାର ସମସ୍ତ ସଦସ୍ୟ ବୃନ୍ଦ ହାତରେ ବ୍ୟାନର ଧରି ଜନସାଧାରଣଙ୍କୁ ଗଛ ଲଗାଇବାର ମହତ ଉଦ୍ଦେଶ୍ୟ ବିଷୟରେ ବାର୍ତା ଦେଇଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀ ତଥା ମିଟୁ ସେନାର ଆବାହକ ପବିତ୍ର କୁମାର ନାୟକ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ଯୁବଗୋଷ୍ଠୀ ମାନଙ୍କୁ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରତ୍ୟେକ ଯୁବକ ପ୍ରତି ବର୍ଷ ଗୋଟିଏ ମୂଲ୍ୟବାନ ଗଛ ଲଗାଇବା ସହ ତାହାକୁ ବଢେଇବାକୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଯାହାଦ୍ୱାରା ପରିବେଶ ସବୁଜିମାରେ ପୂର୍ଣ୍ଣ ହୋଇ ନୂତନ ଜଙ୍ଗଲ ସୃଷ୍ଟି ହେବାରେରେ ସହାୟକ ହୋଇପାରିବ । ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିସରରେ ସମସ୍ତ ସଦସ୍ୟ ଓ ବନାଂଚଳ କର୍ମଚାରୀଙ୍କ ସହାୟତାରେ ବହୁ ମୂଲ୍ୟବାନ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମିଟୁ ସେନାର ଆବାହକ ପବିତ୍ର କୁମାର ନାୟକଙ୍କ ସମେତ ଯୁବନେତା ମନୋଜ କୁମାର ଖଟୁଆ , ଜେ.ଡେଙ୍ଗାପଦର ପୂର୍ବତନ ସରପଂଚ କାମଦେବ ପ୍ରଧାନ, ଯୁବନେତା କୃଷ୍ଣ ଚନ୍ଦ୍ରଜେନା, ଆଇନଜୀବୀ ସୁଶାନ୍ତ ମଲ୍ଲିକ , ପୋଲସରା ବନାଂଚଳର କର୍ମଚାରୀ କାର୍ତିକ ସାହୁ , କୃଷ୍ଣ ଦୀକ୍ଷିତ, ଦେବାଶିଷ ନାହାକ, ଜୟନ୍ତ ମହାରଣା ପ୍ରମୁଖ

ଜଳେଶ୍ୱର ସହରରୁ ବାଇକ୍ ଚୋରୀ ତାଲିକା ଲମ୍ବୁଛି : ବାଇକ୍ ସହ ଦୃବୃର୍ତକୁ ଧରି ପୁଲିସ୍‌କୁ ଦେଲେ ଜିମା

ଜଳେଶ୍ୱର, ୧୪/୭ (ରବିନାରାୟଣ ପାତ୍ର) : ଗତ ଶନିବାର ଜଳେଶ୍ୱର ଗ୍ୟାରେଜ ବଜାରର ଝାଡେଶ୍ୱରପୁର ଛକ ନିକଟରେ ଅଲାଲପୁରର ସୁପର୍ଣାରାୟଣ ପରିଡା ନିଜର ସ୍ପେଲ୍ଣ୍ଡର ବାଇକ୍ ଓଡି୦୧ଏଆର-୧୦୧୦ ରଖି ନିଜସ୍ବ ବୋକାନକୁ ଯାଇଥିଲେ । ବିଲୁ ଫେରି ନିଜର ବାଇକ୍ ନ ପାଇ ନିଜ ବନ୍ଧୁବାନ୍ଧବ, ବଣିକ ସଂଘ ପକ୍ଷରୁ ଜଳେଶ୍ୱରର ଏଏଡିପିଓଙ୍କୁ ଫୋନ ଯୋଗ ଜଣାଇ ଦିଆଯାଇଥିଲା । ବିଲୁ

ବାଇକ୍ ମାଲିକ ସୁପର୍ଣାରାୟଣ ନିଜ ଲୋକଙ୍କ ଦ୍ୱାର ଜଳେଶ୍ୱରର ବିଭିନ୍ନ ମୁଖ୍ୟରାସ୍ତାରେ ଜଗାର ଦେଇଥିଲେ । ବିନ ୨ଟାରେ ଗଲାବେଳେ କେତେକେ ଏହି ବାଇକ୍‌କୁ ଦେଇ ପିଛା କରିଥିଲେ । କିନ୍ତୁ ବାଇକ୍‌ଟି ୫୬ ରାଜ୍ୟ ରାଜପଥରେ ପଣ୍ଡି ମଙ୍ଗଗୁ ଗଲାବେଳେ ଆୟଜିଆଠା ପେଟ୍ରୋଲପମ୍ପ ନିକଟରେ ଅଟକାଇଥିଲେ । ସ୍ଥାନୀୟ ଲୋକେ ଯୁବକଙ୍କୁ ଜାବୁ କରି ଉତମ ମଧ୍ୟମ ଦେବାପରେ ପୁଣି ଏସଡିପିଓଙ୍କୁ ଜଣାଇ ଦିଆଯାଇଥିଲା । ଥାନାରୁ ପୋଲିସ୍ ଆସି ଉକ୍ତ ଯୁବକ ଓ ବାଇକ୍‌କୁ ଥାନାକୁ ନେଇଯାଇଥିଲେ । ପରେ ରାତି ୧୦ଟାରେ ବାଇକ୍ ମାଲିକକୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି । ଯୁବକର ପରିଚୟ ମିଳିପାରିନଥିବା ପୁଲିସ୍ କହିଛି । ପ୍ରକାଶଯୋଗ୍ୟ ଗତ ୧୦ ଦିନ ମଧ୍ୟରେ ୫ଟି ବାଇକ୍ ହେଡାରା ହୋଇଥିବା ବଣିକ ସଂଘ ପକ୍ଷରୁ ପ୍ରକାଶ । ପଶ୍ଚିମଙ୍ଗଗ ସୀମାନ୍ତ ୬୦ ଜାତୀୟ ରାଜପଥ ଓ ୫୬ ରାଜ୍ୟ ରାଜପଥ ନିକଟରେ ଜଳେଶ୍ୱର ଅବସ୍ଥିତ ହୋଇଥିବାରୁ ଚୋରା, ଲୁତରାଜ ବଢିବାରେ ଲାଗିଛି । ତେଣୁ ପେଟ୍ରୋଲିଂ ବ୍ୟବସ୍ଥା ବଢାଇବି କରିବାକୁ ସାଧାରଣରେ ଦାବି ହେଉଛି ।

ମୋଦିଙ୍କ ଫଲୋୟର୍ସଙ୍କ ସଂଖ୍ୟା ୧୦୦ ନିୟୁତ ଛୁଇଁଲା : ବିଶ୍ୱରେ ସର୍ବାଧିକ

ନୂଆଦିଲ୍ଲୀ,୧୪/୦୭(ଓଡ଼ିଶା ଖବର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ରେକର୍ଡ କରିଛନ୍ତି । ଆଜି ତାଙ୍କ ଫଲୋୟର୍ସଙ୍କ ସଂଖ୍ୟା ୧୦୦ ମିଲିୟନ ବା ୧୦ କୋଟି ଛୁଇଁଛି । ସାମ୍ବିଧାନିକ ପଦରେ ଥିବା ବିଶ୍ୱରେ ଦୌଣସି ନେତାଙ୍କୁ ଏକ୍ସରେ ଏତେ ସଂଖ୍ୟକ ଲୋକ ଅନୁସରଣ କରିବା ପ୍ରଥମ ଘଟଣା । ଏହାର ଅର୍ଥ ମୋଦି ଏବେ ଅଧିକ ଫଲୋୟର୍ସ ରହିଥିବା ଗ୍ଲୋବାଲ ଲିଡର ହୋଇଯାଇଛନ୍ତି । ତେବେ ବିଶ୍ୱ ରାଜନେତାଙ୍କ ସର୍ବାଧିକ ଅନୁସରଣକାରୀ ତାଲିକାରେ ମୋଦି ୨ ନମ୍ବରରେ ରହିଛନ୍ତି । ତାଙ୍କ ଠାରୁ ଅଧିକ ଲୋକ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କୁ ଅନୁସରଣ କରୁଛନ୍ତି । ଭାରତରେ ମୋଦି ଏହି ମାମଲାରେ ଅନ୍ୟ ରାଜନେତାଙ୍କ ତୁଳନାରେ ଯଥେଷ୍ଟ ଆଗରେ ରହିଛନ୍ତି । ତାଙ୍କ ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀ ରାହୁଲ ଗାନ୍ଧିଙ୍କ ଫଲୋୟର୍ସ ସଂଖ୍ୟା ୨୭.୪ ନିୟୁତ ଥିବା ବେଳେ ଅରବିନ୍ଦ କେଜ୍ରିୱାଲଙ୍କ ଫଲୋୟର୍ସଙ୍କ ସଂଖ୍ୟା ୨୭.୫ ନିୟୁତ, ଅଖିଳେଶ ଯାଦବଙ୍କ ଫଲୋୟର୍ସଙ୍କ ସଂଖ୍ୟା ୧୯.୯ ନିୟୁତ, ମମତା ବାନାର୍ଜୀଙ୍କ ଫଲୋୟର୍ସଙ୍କ ସଂଖ୍ୟା ୭.୪ ନିୟୁତ, ଲାଲୁ ଯାଦବଙ୍କ ଫଲୋୟର୍ସଙ୍କ ସଂଖ୍ୟା ୬.୩ ନିୟୁତ, ତେଜସ୍ୱୀ ଯାଦବଙ୍କ ଫଲୋୟର୍ସଙ୍କ ସଂଖ୍ୟା ୫.୨ ନିୟୁତ ଓ ଶରଦ ପାୱାରଙ୍କ ଫଲୋୟର୍ସଙ୍କ ସଂଖ୍ୟା ମାତ୍ର ୨.୯ ନିୟୁତ । ୧୦୦ ନିୟୁତ ଫଲୋୟର୍ସଙ୍କ ଠାରୁ ଏମାନେ ଯଥେଷ୍ଟ ପଛରେ ରହିଛନ୍ତି । ସାମ୍ବିଧାନିକ ପଦରେ ଥିବା ବିଶ୍ୱ ନେତାଙ୍କ ମଧ୍ୟରେ ମୋଦି ୧ନ୍ଦରେ ଥିବା ବେଳେ ତାଙ୍କ ପଛକୁ ଜୋ ବାଇଡେନ(୩୮.୧ ନିୟୁତ), ରେସେପ ତାୟିପ ଏର୍ଦୋଗାନ(୨୧.୫ ନିୟୁତ), ଶେଖ ମହମ୍ମଦ(୧୧.୨ ନିୟୁତ) ଇଞ୍ଜିନ ଟୁହେ(୬.୫ ନିୟୁତ) ଓ ଜର୍ଜିଆ ମେଲୋନିଙ୍କ ଫଲୋୟର୍ସଙ୍କ ସଂଖ୍ୟା ୨.୪ ମିଲିୟନ ରହିଛି ।

ଲଙ୍ଗଳେଶ୍ୱର ମାଉସୀ ବାଡ଼ିରେ ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ : ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର ୧୪/୭(ରବିରଞ୍ଜନ ତ୍ରିପାଠୀ): ଲଙ୍ଗଳେଶ୍ୱର ଠାରେ ଥିବା ଶ୍ରୀ ଜଗନ୍ନାଥ କ୍ରିୟାନୁଷ୍ଠାନ ଜମିଟି ଆନୁକୂଲ୍ୟରେ ପବିତ୍ର ରଥଯାତ୍ରା ଖୁବ ଧୁମ ଧାମ ରେ ପାଳନ ହୋଇଯାଇଛି । ଲଙ୍ଗଳେଶ୍ୱର ବଜାର ଦୁର୍ଗା ମଣ୍ଡପ ଠାରେ ଥିବା ମାଉସୀ ବାଡ଼ିରେ ପ୍ରତିଦିନ ସନ୍ଧ୍ୟାରେ ବଡ଼ ଠାକୁର ବଇଦ୍ରତ୍ର, ଜଗତର ନାଥ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଙ୍କୁ ବିଭିନ୍ନ ବେଶରେ ସଜାଇବା ସହିତ ଭକ୍ତଙ୍କ ମନୋରଞ୍ଜନ ପାଇଁ ବାଦିପାରା, ଭଜନ କୀର୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଅଛି । ଲଙ୍ଗଳେଶ୍ୱର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟଶିକ୍ଷୀ ଜଂଜିତା ମିଶ୍ର ଓ ଜବିତା ପ୍ରଧାନ ଙ୍କ ନେତୃତ୍ୱ ରେ ଜୁନିଜୁନି ପିଲା ଙ୍କ ଦ୍ୱାରା ପରିବେଷଣ ହୋଇଥିବା ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ କୁ ମନରଖି ଉପଭୋଗ କରୁଛନ୍ତି ଦର୍ଶକ ଜୁନି ଜୁନି ପିଲାଙ୍କୁ ତାଙ୍କର ପ୍ରତିଭା ପାଇଁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଶନିବାର ସନ୍ଧ୍ୟାରେ ଜମିଟି ପକ୍ଷରୁ ବିଧାୟିକା ସୁବାସିନୀ ଜେନା ଙ୍କୁ ସଭାପତି ମନମୋହନ ସେଠୀ, ଉପସଭାପତି ବିଭୁତି ଭୂଷଣ ଦାସ, ସମ୍ପାଦକ ସନ୍ତୋଷ କୁମାର ନନ୍ଦି, ସହ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ, କୋଷାଧକ୍ଷ ରଞ୍ଜନ କୁମାର ରାଉଳ, ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ରାଧାମୋହନ ସେଠୀ,ଅଞ୍ଜନ କୁମାର ରାଉଳ,ପୃଥ୍ୱୀରାଜ ବେହେରା, ସୁଶାନ୍ତ ରାଉଳ,ପବିତ୍ର ମୋହନ ସେଠୀ କ୍ଷେତ୍ରମୋହନ ସେଠୀ, ନିମାଇଁ ପ୍ରମାଣିକ,ଜଗେଶ କୁମାର ପଟ୍ଟାୟକ,ଭଜନ କୁମାର ବଡ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

ବିଜେପିକୁ ଚେତାଇଲେ ଗଡ଼କରୀ

ନୂଆଦିଲ୍ଲୀ,୧୪/୦୭(ଓଡ଼ିଶା ଖବର) :ବିଜେପିର ସାଂପ୍ରତିକ ଆଭିମୁଖ୍ୟକୁ ନେଇ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ବଡ ମନ୍ତବ୍ୟ ଦେବା ସହିତ ପରୋକ୍ଷରେ ଚେତାବନୀ ଜାରି କରିଛନ୍ତି । କଂଗ୍ରେସ ଯେଉଁ ଭୁଲ୍ କରି ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା ବିଜେପି ସେଭଳି ଭୁଲ୍ ନ କରୁ । ନଚେତ୍ ଆଗାମୀ ଦିନରେ ବିଜେପିକୁ କଂଗ୍ରେସ ଭଳି ସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ ବୋଲି ଗଡ଼କରୀ ଚେତାଇ ଦେଇଛନ୍ତି । ବିଶେଷକରି ବିଜେପିର ଧର୍ମ ଏବଂ ସାଂପ୍ରଦାୟିକ ରାଜନୀତିକୁ ପରୋକ୍ଷରେ ଇଙ୍ଗିତ କରି ସେ କହିଛନ୍ତି ଯେ, ଆମକୁ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ କରିବାକୁ ହେବ ଏବଂ ଏଥିପାଇଁ ଆମର ସୁଚିନ୍ତିତ ଯୋଜନା ରହିବା ଉଚିତ୍ । ସାମାଜିକ ଓ ଅର୍ଥନୈତିକ ସଂଘାତ ଆଣିବା ପାଇଁ ରାଜନୀତି ଏକ ମାଧ୍ୟମ ଏବଂ ଏହାକୁ ଆମାଗୀ ଦିନରେ ବଢାୟ କର୍ମୀମାନେ ଅନୁଭବ କରିବା ଜରୁରୀ । ମୁଁ ଜାତି କିମ୍ବା ଧର୍ମ ରାଜନୀତିକୁ ପସନ୍ଦ କରେ ନାହିଁ । ଯିଏ ଜାତି କଥା କହିବ, ମୁଁ ତାକୁ ଦୃଢ଼ ଭାବେ ବିରୋଧ କରିବାକୁ ପଛାଇବି ନାହିଁ । ଜଣେ ବ୍ୟକ୍ତି ନିଜର ବ୍ୟକ୍ତିତ୍ୱ ଏବଂ ମୂଲ୍ୟବୋଧ ଦ୍ୱାରା ପରିଚିତି ଲାଭ କରିଥାଏ, କିନ୍ତୁ ଜାତି ଦ୍ୱାରା ନୁହେଁ ।

ଜୁଲାଇ ୧୯ରେ ହେବ ସିୟୁଇଟି-ୟୁଜି ପୁନଃ ପରୀକ୍ଷା, ଏନଟିଏ କଲା ଘୋଷଣା

ନୂଆଦିଲ୍ଲୀ,୧୪/୦୭: ସିୟୁଇଟି-ୟୁଜି ପରୀକ୍ଷାରେ ଅନିୟମିତତା ନେଇ ଅଭିଯୋଗ କରିଥିବା 'ପ୍ରଭାବିତ' ପରୀକ୍ଷାର୍ଥୀଙ୍କ ପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପୁନଃ ପରୀକ୍ଷା ତାରିଖ ଘୋଷଣା କରିଛି । ଏ ନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି । ଜାରି ବିଜ୍ଞପ୍ତି ଅନୁଯାୟୀ, ଜୁଲାଇ ୧୯ରେ ସିୟୁଇଟି ୟୁଜି ପୁନଃ ପରୀକ୍ଷା ହେବ । ଏହି ପରୀକ୍ଷା କମ୍ପ୍ୟୁଟର ଆଧାରିତ ପରୀକ୍ଷା ହେବ । ଏହି ପରୀକ୍ଷାରେ ଭାଗ ନେଇଥିବା ପ୍ରାର୍ଥୀମାନେ ସମସ୍ତ ଅଫିସିଆଲ ଟ୍ୱେବସାଇଟକୁ ଯାଇ ରୋଲିପ୍ସ ଯାଂଚ କରିପାରିବେ । ସେମାନଙ୍କ ନିଜସ୍ବ ମଧ୍ୟ ଏଡିଏ ପକ୍ଷରୁ ଇ-ମେଲ ପଠାଯାଇଛି । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) କହିଛି ଯେ ସମସ୍ତ ପ୍ରଭାବିତ ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ଖୁବଶୀଘ୍ର ପ୍ରକାଶ ପାଇବ ।

କର୍କଟ ସହ ଲଢୁଛନ୍ତି ଭାରତର ପୂର୍ବତନ କ୍ରିକେଟ : ବିସିସିଆଇ କଲା ବଡ଼ ଘୋଷଣା

ନୂଆଦିଲ୍ଲୀ,୧୪/୦୭(ଓଡ଼ିଶା ଖବର) : ପୂର୍ବତନ ଭାରତୀୟ କ୍ରିକେଟର ତଥା ଟିମ୍ ଇଣ୍ଡିଆର ଢୋର୍ ଭାବେ ଜାମ ଜରି ସାରିଥିବା ଅଂଶୁମାନ ଗାଏକ୍ୱାଡ ଏବେ ରକ୍ତ କର୍କଟ ସହ ଲଢ଼େଇ କରୁଛନ୍ତି । ଲଣ୍ଡନରେ ସେ ଚିକିତ୍ସିତ ହେଉଥିବା ବେଳେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଅଂଶୁମାନ ସମସ୍ୟାରେ ପଡ଼ିଥିବା ଜାଣିବା ପରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେର ଆସିଥିଲେ କପିଳ ଦେବ । ସେ ତାଙ୍କ ପେନସନ ବାବଦ ଅର୍ଥ ଅଂଶୁମାନଙ୍କୁ ଦେବେ ବୋଲି ଘୋଷଣା କରିଛନ୍ତି । ଏଥିସହ ବିସିସିଆଇକୁ ମଧ୍ୟ ପୂର୍ବତନ କ୍ରିକେଟରଙ୍କ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରିବାକୁ କହିଛନ୍ତି । କପିଳ ଦେବଙ୍କ ବ୍ୟତୀତ ମୋହିନ୍ଦର ଅମରନାଥ, ସନ୍ଦୀପ ପାଟିଲ, ମଦନ ଲାଲ, ରବି ଶାସ୍ତ୍ରୀ, ବିଜୟ ଭେଙ୍କସରକାର ଓ ଜିର୍ତୀ ଆଜାଦ ମଧ୍ୟ ସେମାନଙ୍କ ସାଥୀ ଖେଳାଳିଙ୍କୁ ସାହାଯ୍ୟ କରିବାକୁ ଆଗେର ଆସିଥିଲେ । ଏବେ ବିସିସିଆଇ ମଧ୍ୟ ଅଂଶୁମାନଙ୍କୁ ସାହାଯ୍ୟ କରିବ ବୋଲି ଘୋଷଣା କରିଛି । ତାଙ୍କ ଚିକିତ୍ସା ପାଇଁ ବିସିସିଆଇ ୧ କୋଟି ଦେବ । ବିସିସିଆଇ ସମ୍ମାଦକ ଜୟ ଶାହ ବ୍ୟକ୍ତିଗତ ଭାବେ ଅଂଶୁମାନଙ୍କ ପରିବାର ଲୋକଙ୍କ ସହ କଥା ହୋଇଥିଲେ । ଏହାପରେ ସେ ତୁରନ୍ତ ୧ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଗୋଟିଏ ପ୍ରେସ ବିବୃତ୍ତିରେ ବିସିସିଆଇ ପ୍ରତିଶ୍ରୁତି ଦେଇଛି ଯେ ଏଭଳି ଏକ ମୁହୂର୍ତ୍ତରେ ସଂସ୍ଥା ଅଂଶୁମାନଙ୍କ ପରିବାର ଲୋକଙ୍କ ସହ ରହିଛି । ଅଂଶୁମାନ ଏହି ସମସ୍ୟାରୁ ଯଥାଶୀଘ୍ର ମୁକୁଳିବେ ବୋଲି ବିସିସିଆଇ ଆଶା ରଖିଛି ।

୬୭ ବର୍ଷୀୟ ଅଂଶୁମାନ ୧୯୭୪ ମସିହା ଡିସେମ୍ବର ୨୨ରେ ଢୋଲଜାତାରେ ଟ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରିଥିଲେ । ଡେବ୍ୟୁ ମ୍ୟାଚ୍‌ରେ ପ୍ରଥମ ଇନିଂସରେ ସେ ୩୬ ଓ ୪ ରନ କରିଥିଲେ । ସେ ଭାରତ ପାଇଁ ୪୦ଟି ଟେଷ୍ଟ ମ୍ୟାଚ୍ ଖେଳି ୩୦.୦୭ ଗଡରେ ୧୯୮୫ ରନ କରିଛନ୍ତି । ଏହା ମଧ୍ୟରେ ୨ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ରହିଛି । ଏହା ବ୍ୟତୀତ ଅଂଶୁମାନ ଭାରତ ପାଇଁ ୧୫ଟି ଦିନିକିଆ ଖେଳି ୨୬୯ ରନ କରିଛନ୍ତି । ଏଥିରେ ମାତ୍ର ଗୋଟିଏ ଅର୍ଦ୍ଧଶତକ ରହିଛି । କ୍ରିକେଟରୁ ଅବସର ନେବା ପରେ ଅଂଶୁମାନ ଜାତୀୟ ଟିମର କୋଚ୍ ହୋଇଥିଲେ । ୧୯୯୭ରୁ ୧୯୯୯ ଯାଏ ସେ ଭାରତୀୟ କ୍ରିକେଟ୍ ବଜର ମୁଖ୍ୟ ପ୍ରଶିକ୍ଷକ ଥିଲେ । ଅଂଶୁମାନ ଗୁଜୁରାଟ ଷ୍ଟେଟ ଟର୍ଟିଲାଇଜର୍ସ ଓ ଜେମିକାଲ୍ସ ଲିମିଟେଡ (ବିଏସଏଫସି) ରେ ମଧ୍ୟ କାର୍ଯ୍ୟ କରିଥିଲେ । ଜୁନ୍ ୨୦୧୮ରେ ବିସିସିଆଇ ତାଙ୍କୁ ଲାଇଫ ଟାଇମ ଆଚିଭମେଂଟ ଆୱାର୍ଡରେ ସମ୍ମାନିତ କରିଥିଲା ।

Commissionerate Police Intensifies Drive Against Drunken Driving under "Safe City Drive"

Bhubaneswar office: 14/7: In a sincere effort to reduce anti-social activities and to enhance road safety, the Commissionerate Police of Bhubaneswar-Cuttack carried out an intensified drive against Drunken driving under the "Safe City Drive" initiative. The operation, which took place on saturday night, July 13, 2024, resulted in the seizure of 102 vehicles. "Under the direct supervision of Commissioner of Police Sri Sanjeeb Panda, and DCP Prateek Singh, the enforcement drive was conducted by all the 20 police stations of Bhubaneswar, i.e. Capital, K.V. Nagar, Khandagiri, Airfield, Nayapalli, Saheednagar, Chandaka, Bharatpur, Badagada, , Airport, Infocity, Lingaraj, Nandankana, Mancheswar, Laxmisagar, Maitribihar, C.S. Pur, Traffic P.S -I & II."The drive was meticulously planned and executed under the leadership of Deputy Commissioners of Police Sri Prateek Shing DCP, BBSR UPD targeting over 23 vulnerable points across Bhubaneswar. "During the operation, out of a total of 102 vehicles, BBSR UPD PSs seized 28 numbers of four-wheeler and 40 MCs. The BBSR- Traffic Police Station-I seized 13 four wheelers and Traffic Police Station-II seized 21 vehicles including 2 two-wheelers."Vehicle like Jaguar, Toyota Fortuner, Nissan Tirano, Scorpio, Volkswagen Polo,

Škoda Slavia, Mahindra XUV 700, Tata Nexon, Ford Ecosports etc are seized in this drive. "At the all-police checkpoints, several violators attempted to evade capture by making U-turns and driving dangerously in reverse under the influence of alcohol. Prepared for such eventualities, the police teams deployed spikes to halt and seize these vehicles."Cases have filed in court against the 68 violators. The violators have to pay fines in the court and after obtaining release order, they will take their seized vehicles. Police has recommended the suspension of driving licenses to the Regional Transport Office (RTO)."Eight FIRs have been filed against drunk drivers who tried to run over the police team driving recklessly in reverse direction and obstructing police in discharge of the duty. Police have arrested those 8 (Eight) such persons and forwarded to court and they have been remanded to jail custody."Adopting a "Zero Tolerance Approach," Twin City Police Commissioner Sri Sanjeeb Panda appealed to the public to refrain from driving under the influence of alcohol as it is essential for ensuring road safety and protecting lives. "The safety of our citizens is our top priority. We urge everyone to refrain from drunken driving, as it poses significant danger not only to the violators but also to the public on the road. "The Commissionerate Police remain committed to enforcing traffic regulations strictly and will continue such drives to deter violators. "We request all media friends to help and spread this important message and contribute to our collective effort in making Bhubaneswar and Cuttack safer cities for everyone.

Printed, Published and Owned BY Smt. Mamata Mohanty Printed at Geeta Printers, At- Idco Industrial Estate Plot No-(802), Angaragadi,Po/Head office (Postal) F.M,Golei,Balasore, Pin-756001 .Published From At- Idco Industrial Estate Plot No-(802), Angaragadi,Po/Head office (Postal) F.M Golei,Balasore ,Balasore Pin-756001 Mob. No.9178163131, 9437173360(W) E-mail-odishakhabara@gmail.com . The Odisha Khabar is been registred under the Registrar of Newspaper of India (RNI) with the registration no. as RNI REGD NO: ODIODI/2009/31396

ସମ୍ପାଦକ : ଅମିୟ ରଞ୍ଜନ ମହାନ୍ତି
Editor : Amiya Ranjan Mohanty